୬ ଟି-୨୦ ବିଶ୍ୱକପ୍ : ଚମ୍ପିୟନ୍ ଦଳକୁ ମିଳିବ ୪୬.୬ କୋଟି ଟଙ୍କା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008





କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦

8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୧୨୪ • ୦୧ ଜୁନ୍ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-124 • 1th June 2024, Saturday • Bhubaneswar | Licensed to post without pre-payment of postage No- BN-60/22-24


# ଆଜି ଶେଷ ପର୍ଯ୍ୟାୟ ନିର୍ବାଚନ




**ଭୁବନେଶ୍ୱର, ୩୧/୦୫**
**ନ୍ୟୁଜ ବ୍ୟୁରୋ**

ଶନିବାର ଓଡ଼ିଶାରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ଭୋଟ୍ । ଏହି ପର୍ଯ୍ୟାୟ ନିର୍ବାଚନରେ ଓଡ଼ିଶାର ୬ ଲୋକସଭା ଆସନ ସମେତ ୪୨ ବିଧାନସଭା ଆସନରେ ଭୋଟ ଅନୁଷ୍ଠିତ ହେବ। ୬ ଲୋକସଭା ଆସନ ଯଥା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ପାଇଁ ମତଦାନ ହେବ । ଏଥିସହ ଏହା ଅନ୍ତର୍ଗତ ୪୨ ବିଧାନସଭା ଆସନ ପାଇଁ ମଧ୍ୟ ମତଦାନ କରାଯିବ। ଶନିବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ମତଦାନ ପ୍ରକ୍ରିୟା ପାଇଁ ପୋଲିଂ ପାର୍ଟିମାନେ ବୁଥ୍‌ରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ଏହି ପର୍ଯ୍ୟାୟରେ ମୋଟ ୪୬୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୯ ଲକ୍ଷରୁ ଅଧିକ ଭୋଟର । ୪୨ ବିଧାନସଭା ନିର୍ବାଚନମଣ୍ଡଳି ପାଇଁ ୩୯୪ ଜଣ ପ୍ରାର୍ଥୀ ରହିଥିବାବେଳେ ୬ ଲୋକସଭା କ୍ଷେତ୍ରରେ ୬୬ ଜଣ ସାଂସଦ ପ୍ରାର୍ଥୀ ରହିଛନ୍ତି । ୫୦.୮୮ ଲକ୍ଷ ପୁରୁଷ ଓ ୪୮.୭୨ ଲକ୍ଷ ମହିଳା ଭୋଟରଙ୍କ ସହ ମୋଟ ୯୯.୬୧ ଲକ୍ଷ ଭୋଟର ମତଦାନ ସାବ୍ୟସ୍ତ କରିବେ । ୧୦ ହଜାର ୮୮୨ଟି ମତଦାନ କେନ୍ଦ୍ରରେ ଭୋଟିଂ ହେବ । ୧୪୦୦ ବୁଥ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ। ୨୦% ଆଦର୍ଶ ବୁଥ ରହିଛି । *(ପୃଷ୍ଠା ୭ରେ)*

## ପିଓକେ ବିଦେଶୀ ଅଞ୍ଚଳ କୋର୍ଟକୁ କହିଲେ ପାକ୍ ସରକାର

**ଇସ୍ଲାମାବାଦ, ୩୧/୦୫**

ପିଓକେକୁ ନେଇ ପାକିସ୍ତାନର ଅତିରିକ୍ତ ଆଡଭୋକେଟ ଜେନେରାଲ ମୁନିର ଇକବାଲ ଦୁଗଲ ଦେଇଥିବା ବୟାନକୁ ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ହାଇକୋର୍ଟରେ ଏକ ମାମଲାର ଶୁଣାଣି ସମୟରେ ସେ କହିଥିଲେ ଯେ ସରକାର (ପାକିସ୍ତାନ) କଶ୍ମୀର (ପିଓଜେକେ)କୁ ବିଦେଶୀ ଅଞ୍ଚଳ ଭାବେ ବିବେଚନା କରୁଛନ୍ତି ।

ବାସ୍ତବରେ ପ୍ରସିଦ୍ଧ କଶ୍ମୀର କବି ଅହମ୍ମଦ ଫରହାଦଙ୍କ ପିଟିସନର ଶୁଣାଣି ଇସଲାମାବାଦ ହାଇକୋର୍ଟରେ ଚାଲିଥିଲା। କବି ଅହମ୍ମଦ ଫରହାଦଙ୍କୁ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଅପହରଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପିଓକେ ଓ ପାକିସ୍ତାନରେ ତୀବ୍ର ଅସନ୍ତୋଷ ପ୍ରକାଶ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles
24 hours help line :


## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଆଜି, ବୁଲୁଛି ୨୫୫ଟି ଫ୍ଲାଇଂ ସ୍କ୍ୱାଡ




**ଭୁବନେଶ୍ୱର, ୩୧/୦୫**
**ନ୍ୟୁଜ ବ୍ୟୁରୋ**

ଶନିବାର ଓଡ଼ିଶାରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟରେ ୬ ଲୋକସଭା ଓ ୪୨ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ୩୬ ହଜାର ପୋଲିସ ଫୋର୍ସ ଏହି ନିର୍ବାଚନରେ ନିୟୋଜିତ ହୋଇଛନ୍ତି। ୧୨୬ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ, ୮୬ ପ୍ଲାଟୁନ ଓଡ଼ିଶା ଆର୍ମଡ଼ ପୋଲିସ ରହିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ୨୫୫ଟି ଫ୍ଲାଇଂ ସ୍କ୍ୱାଡ ନିୟୋଜିତ ହୋଇଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶ ଅରୁଣ କୁମାର ଷଡଙ୍ଗୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୨୫୫ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ମଧ୍ୟ ନିର୍ବାଚନ ହେଉଥିବା ଅଞ୍ଚଳରେ ପରିଭ୍ରମଣ କରୁଛି। ବୁଥ୍ ତଦାରଖ ପାଇଁ ୮୪୩ଟି ମୋବାଇଲ ପାଟ୍ରୋଲିଂ ପାର୍ଟି କାମ କରୁଛି । ଜିପିଏସ ଜରିଆରେ କଣ୍ଟ୍ରୋଲ ରୁମ୍‌କୁ ମନିଟର କରିବ ପାଟ୍ରୋଲିଂ ପାର୍ଟି । ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏସଡିପିଓ ଓ ଡିଏସ୍‌ପି ଦାୟିତ୍ୱରେ ରହିବେ। ସମ୍ବେଦନଶୀଳ ସ୍ଥାନରେ କୁଇକ ଆକ୍ସନ ଟିମ୍ କାମ କରିବ। ସମ୍ବେଦନଶୀଳ ବୁଥ୍‌ରେ ଅର୍ଦ୍ଧ ସାମରିକ ବାହିନୀ ମୁତୟନ ହୋଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷା ଓ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ସୀମାରେ ଥିବା ୨୧ଟି ବର୍ଡର ଚେକ୍ ପୋଷ୍ଟରେ କଡ଼ାକଡ଼ି ଚେକିଂ ଚାଲିଛି। ସୀମାବର୍ତ୍ତି ଚେକ୍ ପୋଷ୍ଟରେ ସମସ୍ତ ଯାନବାହନକୁ ଚେକିଂ କରାଯାଉଛି ବୋଲି ସେ କହିଛନ୍ତି।

ଏହି ପର୍ଯ୍ୟାୟରେ କୌଣସି ସ୍ଥାନରେ ମାଓବାଦୀ କାର୍ଯ୍ୟକଳାପ ନାହିଁ । ହିଂସାକାଣ୍ଡ ଉପରେ ନଜର ରଖାଯାଇଛି। ପ୍ରଥମ ଥର ପାଇଁ ୨୫ ବର୍ଷ ପରେ ମାଓବାଦୀ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହୋଇଛି। ଏଥର ୧୦ ହଜାର ୮୮୨ଟି ବୁଥ୍ ଅଛି। ଏହା ଭିତରେ ୨୧ ପ୍ରତିଶତ ବୁଥ୍ ସମ୍ବେଦନଶୀଳ ରହିଛି।

ଏହି ୧୩ଟି ସ୍ଥାନରେ ଇଭିଏମ ଷ୍ଟ୍ରଙ୍ଗ ରୁମ୍ ରହିଛି। ସେଠାରେ ମଧ୍ୟ ଇନର କର୍ଡନ ଦାୟିତ୍ୱରେ ଅର୍ଦ୍ଧ ସାମରିକ ବାହିନୀ କାମ କରିବ। ଆଉଟର କର୍ଡନ ଦାୟିତ୍ୱରେ ଓଡ଼ିଶା ପୋଲିସ ରହିବେ। ଜାନୁଆରୀ ପ୍ରଥମ ସପ୍ତାହରୁ ଏପର୍ଯ୍ୟନ୍ତ ୫୫୫ଟି ଆଣ୍ଟି ନକ୍ସଲ ଅପରେସନ ହୋଇଛି। ଫାୟାର ଏକ୍ସଚେଞ୍ଜ ହୋଇଛି। ଆଚରଣ ବିଧି ଉଲ୍ଲଂଘନ ନେଇ କେସ ହୋଇଥିବା ବେଳେ ସମୁଦାୟ ୩୬ଟି କେସ ରୁଜୁ ହୋଇଛି । ୪୯ ଲୋକଙ୍କ ବିରୋଧରେ *(ପୃଷ୍ଠା ୭ରେ)*

## ପଶ୍ଚିମ ଓଡ଼ିଶାରେ ଅଗ୍ନି ବର୍ଷା: ଟିଟିଲାଗଡ଼ରେ ପାରଦ ୪୬.୫ ଡିଗ୍ରୀ ରେକର୍ଡ

**ଭୁବନେଶ୍ୱର, ୩୧/୦୫**
**ନ୍ୟୁଜ ବ୍ୟୁରୋ**

ପଶ୍ଚିମ ଓଡ଼ିଶାରେ ଶୁକ୍ରବାର ଅଗ୍ନି ବର୍ଷା ହୋଇଛି। ସର୍ବୋଚ୍ଚ ତାପମାତ୍ରା ପାଇଁ ଅତୀତରେ ରେକର୍ଡ କରିଥିବା ଟିଟିଲାଗଡ଼ରେ ପାରଦ ଶୁକ୍ରବାର ୪୬.୫ ଡିଗ୍ରୀ ଛୁଇଁଛି। ବଲାଙ୍ଗୀରବାସୀଙ୍କୁ ମଧ୍ୟ ଶୁକ୍ରବାର ପ୍ରବଳ ଖରାରେ ସିଝିବାକୁ ପଡ଼ିଛି। ଏଠାରେ ତାପମାତ୍ରା ୪୬.୫ ଡିଗ୍ରୀ ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟର ୮ଟି ସହରର ତାପମାତ୍ରା ୪୫ ଡିଗ୍ରୀ କିମ୍ବା ଏଥିରୁ ଅଧିକ ରହିଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଶୁକ୍ରବାର ବି ତାତିରୁ ନିସ୍ତାର ମିଳି ନାହିଁ। ପୂରା ପଶ୍ଚିମ ଓଡ଼ିଶାରେ ଲୋକେ ଛଟପଟ ହୋଇଛନ୍ତି। ସକାଳ ୮ଟାରୁ ମୁଣ୍ଡଫଟା ଖରା ଆରମ୍ଭ ହୋଇଯାଉଛି। ରାଜ୍ୟରେ ଚଳିତ ବର୍ଷର ତାପମାତ୍ରା ଗୁରୁବାର ଝାରସୁଗୁଡ଼ାରେ ୪୭ଡିଗ୍ରୀ ରେକର୍ଡ କରାଯାଇଥିଲା। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ୨୬ ବର୍ଷ ପୂର୍ବରୁ ୧୯୯୮ ମେ' ୨୮ ତାରିଖରେ ଝାରସୁଗୁଡ଼ାରେ ୪୮ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା।

ଓଡ଼ିଶାରେ ପ୍ରବଳ ଖରା ହେଉଥିବା ବେଳେ ଦକ୍ଷିଣ-



ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଛି। ଏହା ଉତ୍ତର-ପୂର୍ବ ଅଞ୍ଚଳ ଆଡକୁ ମୁହାଁଇବ ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି, ମୌସୁମୀ ଆଗୁଆ ଆସି ଦୁଇ ଦିନ ପୂର୍ବରୁ କେରଳ ଛୁଇଁଛି। ଓଡ଼ିଶାକୁ ଜୁନ ୧୨ ପରେ ମୌସୁମୀ ଛୁଇଁବାର ସମ୍ଭାବନା ରହିଛି। ଦେଶରେ ଏଥର ଭଲ ବର୍ଷା ହେବ। ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ୧ ଜୁନ୍‌ରୁ ୩୧ ସେପ୍ଟେମ୍ବର ଯାଏଁ ମୌସୁମୀ ପାଇଁ ୮୭ ସେଣ୍ଟିମିଟର ବର୍ଷା ହୋଇଥାଏ, ଏଥର ୧୦୬ ସେଣ୍ଟିମିଟର ବର୍ଷା ହେବାର ସମ୍ଭାବନା ରହିଛି।

## ଏକାଳ ପକ୍ଷାଳ



ଖରା ଗୁଳୁଗୁଳି ଏମିତି ହେଉଛି
ପଡୁଛନ୍ତି ସବୁ ଟଳି
ଅଂଶୁଘାତ ନିତି ଜୀବନ ନେଉଛି
ଜୀବନ ଦେଉଛି ଜାଳି
କେବେ ପଡିଯିବ ପାଳି
ସେଥିପାଇଁ ଜନେ ସାବଧାନ ହୁଅ
କଥାମାନି ଯାଅ ଚଳି

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତରେ ୧୮ ମୃତ୍ୟୁ ଅଭିଯୋଗ

**ଭୁବନେଶ୍ୱର, ୩୧/୦୫**
**ନ୍ୟୁଜ ବ୍ୟୁରୋ**

ଦିଲ୍ଲୀ, ରାଜସ୍ଥାନ ଭଳି ଓଡ଼ିଶାରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିଛି ଗ୍ରୀଷ୍ମପ୍ରବାହ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଶଂଘାତ ଜନିତ ମୃତ୍ୟୁ ଅଭିଯୋଗ ସଂଖ୍ୟା ବଢିବାରେ ଲାଗିଛି। ଗୁରୁବାର ସୁନ୍ଦରଗଡ ଜିଲ୍ଲାରେ ୧୨ ଜଣ ଏବଂ ଝାରସୁଗୁଡାରେ ୬ଜଣ ଏହି ପରି ମୋଟ ୧୮ଜଣଙ୍କର ଗ୍ରୀଷ୍ମ ପ୍ରବାହଜନିତ ଅଂଶୁଘାତରେ ମୃତ୍ୟୁ ଘଟିଥିବାର ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ଏହି ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏପର୍ଯ୍ୟନ୍ତ ବାଲେଶ୍ୱର, ଢେଙ୍କାନାଳ, ମୟୂରଭଞ୍ଜ, ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ଜଣେ ଲେଖାଁଏ




ଅର୍ଥାତ୍ ମୋଟ ୫ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି ରାଜ୍ୟ ସରକାର। ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାରୁ ଆସିଥିବା ଅଂଶୁଘାତ ମୃତ୍ୟୁ ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ସେ କହିଛନ୍ତି ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନିତ ହିଟ ୱେଭ ସ୍ଥିତି ଆହୁରି ତିନି ଦିନ ପର୍ଯ୍ୟନ୍ତ ଲାଗି ରହିବ । ଏହି ଅଞ୍ଚଳର ୧୯ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଏବଂ ୧୨ ସ୍ଥାନରେ ୪୪ ଡିଗ୍ରୀ ଉପରେ ତାପମାତ୍ରା ରହୁଛି । ଏଥିପାଇଁ ସତର୍କ ରହିବାକୁ ଏସ୍ଆରସି ନିବେଦନ କରିବା ସହ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି । ପିକ ଆୱାର ଦିନ ୧୧ଟାରୁ ୩ଟାଯାଏଁ। ଦରକାର ନପଡିଲେ ବାହାରକୁ ନବାହାରିବା ପାଇଁ ସେ ନିବେଦନ କରିଛନ୍ତି । ଏହାକୁ ଅବମାନନା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ସେହିପରି ଅତି ଜରୁରୀ ପରିସ୍ଥିତିରେ ବାହାରକୁ ବାହାରିବାର ଥିଲେ ସଂପୂର୍ଣ୍ଣ ସୁରକ୍ଷାରେ *(ପୃଷ୍ଠା ୭ରେ)*







# ୨୪ ଘଣ୍ଟିଆ ସିସିଟିଭି ନଜରରେ ଇଭିଏମ୍:ଜିଲ୍ଲାର ୩ଟି ସ୍ଥାନରେ ଭୋଟ୍ ଗଣତି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ମତଦାନ ସମ୍ପନ୍ନ ହୋଇଥିବା ବେଳେ ଷ୍ଟ୍ରଙ୍ଗ ରୁମ୍‌ରେ ନେତାଙ୍କ ଭାଗ୍ୟ ସିଲ୍ ହୋଇଛି । ଷ୍ଟ୍ରଙ୍ଗ ରୁମ୍ ଭିତରେ ୨୪ ଘଣ୍ଟିଆ ସିସିଟିଭି ନଜରରେ ଇଭିଏମ ଗୁଡିକୁ ରଖାଯାଇଛି । ୨୪ ଘଣ୍ଟିଆ ସିସିଟିଭି ନଜର ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ରହିଛି ।ସମସ୍ତ ଇଭିଏମ ଷ୍ଟ୍ରଙ୍ଗ ରୁମ୍ ବାହାରେ ପ୍ରଥମେ ଜଗିଛନ୍ତି ସଶସ୍ତ୍ର କେନ୍ଦ୍ରୀୟ ସୁରକ୍ଷା ବଳ ସିଏପିଏଫ । ପରେ ଦ୍ୱିତୀୟ ଓ ତୃତୀୟ ସ୍ତରରେ ରହିଛନ୍ତି ଓଏସ୍ଏପି ଯବାନ । କେବଳ ସେତିକି ନୁହେଁ ଷ୍ଟ୍ରଙ୍ଗ ରୁମ୍ ଅଞ୍ଚଳକୁ ଘରିପଟୁ ଘେରି ରହିଛନ୍ତି ଆର୍ମଡ ପୋଲିସ । ଆଉ ସ୍ୱଚ୍ଛତା ପାଇଁ ବିଭିନ୍ନ ଦଳର ଦଳୀୟ ପ୍ରାର୍ଥୀ କିମ୍ବା ସେମାନଙ୍କ ଦ୍ୱାରା ଅଧିକୃତ ଏଜେଣ୍ଟ ନିଜର ପ୍ରବେଶ ପାସ୍ ଦେଖାଇ ଇଭିଏମ ଥିବା ଷ୍ଟ୍ରଙ୍ଗ ରୁମ୍ ବାହାରେ ଲାଗିଥିବା ଡିସ୍ପ୍ଲେ ସେଣ୍ଟରକୁ ଯାଇ ସେଠାରେ ୨୪ ଘଣ୍ଟା ରହି ଇଭିଏମ ଉପରେ ନଜର ରଖିପାରିବାର ବ୍ୟବସ୍ଥା ମଧ କରାଯାଇଛି ।ଆସନ୍ତା ଜୁନ୍ ୪ ତାରିଖ ସକାଳୁ ଭୋଟ୍ ଗଣତି ହେବ । ଇଭିଏମ ମେସିନ୍ ଗୁଡିକ ମତଦାନ କେନ୍ଦ୍ରରୁ ଫେରିବା ପରେ କଡା ସୁରକ୍ଷା ବଳୟ ମଧରେ ସିସିଟିଭି ନଜରରେ ରଖାଯାଇଛି । କେନ୍ଦୁଝର ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଏଥିପାଇଁ ଷ୍ଟ୍ରଙ୍ଗ ରୁମ୍ କରାଯାଇଛି । ଏଠାରେ ତେଲକୋଇ ଆସନ ଓ କେନ୍ଦୁଝର ସଦର ଆସନର ଭୋଟ୍ ଗଣତି କରାଯିବ । ଚନ୍ଦ୍ରଶେଖର କଲେଜ ଚମ୍ପୁଆରେ ପାଟଣା ଏବଂ ଚମ୍ପୁଆ ଆସନର ଗଣତି ହେବାକୁ ଯାଉଛି । ସେହିପରି ଆନନ୍ଦପୁରର ଶାଳପଡାରେ ଥିବା କନକମଞ୍ଜରୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ଘସିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି କରାଯିବ । କେନ୍ଦୁଝର ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଜୁନ୍ ୪ ତାରିଖ ସକାଳୁ ପ୍ରତି ଆସନର ୧୪ ଗୋଟି ଲେଖାଏଁ ଟେବୁଲରେ ଗଣତି ହେବ ବୋଲି ସୂଚନା ମିଳିଛି । ମୋଟ ୨୧ ରାଉଣ୍ଡ ଗଣନା ହେବ । ସକାଳ ୮ଟାରେ ପ୍ରଥମେ ବାଲାଟ ଭୋଟ୍ ଗଣତି ପରେ ୮ଟା ୩୦ରେ ଇଭିଏମ ଗଣତି କରାଯିବ ବୋଲି ସଦର ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ତ୍ରିଲୋଚନ ମହାନ୍ତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ କରଞ୍ଜିଆ ଆସନର ଭୋଟ୍



ଗଣତି କରଞ୍ଜିଆ ଠାରେ ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ଗତ ୨୦୧୯ ନିର୍ବାଚନରେ ୧୦ ଗୋଟି ଟେବୁଲ ହୋଇଥିଲା । କିନ୍ତୁ ଚଳିତ ୨୦୨୪ ନିର୍ବାଚନରେ ୧୪ ଗୋଟି ଲେଖାଏଁ ଟେବୁଲ ହେଉଥିବାରୁ ଭୋଟ୍ ଗଣତି ଶୀଘ୍ର ସରିବ ବୋଲି ଅନୁମାନ କରାଯାଉଛି । କେନ୍ଦୁଝର ଲୋକସଭା ଆସନରେ ଥିବା ୭ ଗୋଟି ବିଧାନସଭା ଆସନରେ ରେକର୍ଡ ସଂଖ୍ୟକ ମତଦାନ ହୋଇଥିବାରୁ ସମସ୍ତ ରାଜନୈତିକ ଦଳ ନିଜ ନିଜ ଅଙ୍କ କଷାରେ ବ୍ୟସ୍ତ ଅଛନ୍ତି । ପ୍ରକାଶ ଯେ, କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ମୋଟ ୧୫ ଲକ୍ଷ ୮୮ ହଜାର ୧୭୯ ଭୋଟରଙ୍କ ମଧରୁ ୧୨ ଲକ୍ଷ ୫୪ ହଜାର ୧୬୩ ଜଣ ଭୋଟର ଭୋଟ୍ ପ୍ରଦାନ କରିଛନ୍ତି । ଏଥିମଧରୁ ୬ ଲକ୍ଷ ୩୬ ହଜାର ୪୦ ଜଣ ମହିଳା ଭୋଟର ଭୋଟ୍ ଦେଇଥିବା ବେଳେ ୬ ଲକ୍ଷ ୧୮ ହଜାର ୧୦୮ ଜଣ ପୁରୁଷ ଭୋଟରଙ୍କ ମଧରୁ ଭୋଟ୍ ଦେଇଛନ୍ତି । ୯୫ ତୃତୀୟ ଲିଙ୍ଗ ଭୋଟରଙ୍କ ମଧରୁ ୧୫ ଜଣ ଭୋଟ୍ ଦେଇଛନ୍ତି ।କେନ୍ଦୁଝର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୫୦ ହଜାର ୮ ଜଣ ଭୋଟର ଭୋଟ୍ ଦେଇଛନ୍ତି । କେନ୍ଦୁଝର ଜିଲ୍ଲାର ସଦର ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୮୬ ହଜାର ୫୨୫ ଜଣ ଭୋଟର ଭୋଟ୍ ଦେଇଛନ୍ତି । ସେହିପରି ତେଲକୋଇ ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୯୩ ହଜାର ୬୮୮ ଜଣ ଭୋଟର ଭୋଟ୍ ଦେଇଛନ୍ତି । ଘସିପୁରା ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୮୭ ହଜାର ୩୦୦ ଜଣ ଭୋଟର ଭୋଟ୍ ଦେଇଛନ୍ତି । ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୮୧ ହଜାର ୨୩ ଜଣ ଭୋଟର ଭୋଟ୍ ଦେଇଛନ୍ତି । ପାଟଣା ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୭୩ ହଜାର ୪୨୭ ଜଣ ଭୋଟର ଭୋଟ୍ ଦେଇଛନ୍ତି । ଚମ୍ପୁଆ ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୮୨ ହଜାର ୧୮୪ ଜଣ ଭୋଟର ଭୋଟ୍ ଦେଇଥିବା ସୂଚନା ମିଳିଛି । ଜୁନ୍ ୪ ତାରିଖ ଗଣତି ଦିନକୁ ଭୋଟର ଏବଂ ପ୍ରାର୍ଥୀ ଅନାଇ ବସିଥିବାବେଳେ ପ୍ରାର୍ଥୀଙ୍କ ଛାତି ଧଡଧଡ ହେଉଛି । ଅନେକ ପ୍ରାର୍ଥୀ ପୂଜାପାଠ କରି ଠାକୁରଙ୍କ ଶରଣରେ ଯାଇଛନ୍ତି ।



## ମେସିନ୍‌ରେ ଚାଲିଛି ହଳଦୀଡ଼ଙ୍ଗରିରୁ ଜଗିଚଟାନ ରାସ୍ତା କାମ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ମନେରଗା କାମ ଯାହାକି ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଏହି ଯୋଜନାରେ ଶ୍ରମିକଙ୍କ ନିଜ ବ୍ୟାଙ୍କ ଖାତାରେ ଯିବ ସରକାରୀ ପଇସା କିନ୍ତୁ କେତେକ ଜାଗାରେ ଶ୍ରମିକ କାମ ନକରି ମେସିନ୍‌ରେ କରାଯାଉଛି କାମ ଏବଂ ଶ୍ରମିକଙ୍କ ନାମ ଦର୍ଶାଇ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଯାଉଛି ପଇସା । ଏଥିପ୍ରତି ପ୍ରଶାସନର ନଜର ପଡୁନି ।ସୂଚନାଥାଉକି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର କୁମୁଲି ପଞ୍ଚାୟତର ହଳଦୀଡ଼ଙ୍ଗରି ଗ୍ରାମରୁ ଯୋଗୀଚଟାନ ଗ୍ରାମକୁ ସରକାରୀ ତରଫରୁ ରାସ୍ତା ପାଇଁ ଅନୁମୋଦନ ହୋଇଥିବା ବେଳେ ଏହି ରାସ୍ତା ମେସିନ୍ ସାହାଯ୍ୟରେ ତିଆରି ଚାଲିଛି ଏହି କାମ ।ପାଖରେ କୌଣସି ସୂଚନାଫଳକ ନାହିଁ ।ଏହି କାର୍ଯ୍ୟର ଅଟକଳ ମୂଲ୍ୟ କେତେ ଟଙ୍କା।ନାମ କଣ ତାହା ମଧ ଜଣାପଡ଼ିନାହିଁ ।ସୂଚନାଥାଉ କି ପଞ୍ଚାୟତ ଅଧିକାରୀ ଏହି କାର୍ଯ୍ୟ ବିଷୟରେ ଜାଣିନଥିବା କହିଛନ୍ତି, ବଡ଼ ଆଶ୍ଚର୍ଯ୍ୟର କଥା ବାରମ୍ବାର ସରକାରଙ୍କ ନିର୍ଦ୍ଦେଶ ରହିଛି କାମ ଆରମ୍ଭ ପୂର୍ବରୁ କାମ ପାଖେ ସୂଚନା ଫଳକ ତିଆରି କରିବାର କିନ୍ତୁ ଏହି ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି ।ଗୋଟେପଟେ ଲୋକେ କାମ ନପାଇ ଦାଦନ ଖଟିବାକୁ ଯାଉଥିବା ବେଳେ ଗୋଟେ ପଟେ ଶ୍ରମିକକୁ କାମ ନଦେଇ ମେସିନ୍‌ରେ କରାଯାଉଛି । ସରକାରୀ କାମ ଏଥିପ୍ରତି ବ୍ଲକର କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନାହିଁ ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଏମସିଏଲ ଚେୟାରମ୍ୟାନଙ୍କ ଉଦ୍ଦେଶ୍ୟରେ ଠିକା ଶ୍ରମିକଙ୍କ ୧୪ ଦଫା ଦାବିପତ୍ର ପ୍ରଦାନ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ଏଆଇଟିୟୁସି ସହ ଅନୁବନ୍ଧିତ ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସ ତରଫରୁ ଏମସିଏଲ ଚେୟାରମ୍ୟାନ କମ ମ୍ୟାନେଜିଙ୍ଗ ଡାଇରେକ୍ଟରଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ୧୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏରିଆ ପାର୍ସନାଲ ମ୍ୟାନେଜର ପ୍ରଦୀପକୁମାର ଶ୍ରମିକଙ୍କ ଦାବି ପତ୍ର ଗ୍ରହଣ କରିଛନ୍ତି । ଦୀର୍ଘ ଦିନରୁ ଶ୍ରମିକମାନେ ଦାବି କରି ଆସୁଥିବା ୧୪ ଦଫା ଦାବି ଜୁଲାଇ ୧୪ ସୁଦ୍ଧା କାର୍ଯ୍ୟକାରୀ ନହେଲେ ଜୁଲାଇ ୧୫ ରୁ ୩ ଦିନ ଧରି ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳର ଶ୍ରମିକମାନେ ଆନ୍ଦୋଳନ କରି ସମସ୍ତ କାର୍ଯ୍ୟକୁ ଠପ୍ କରିଦେବେ ବୋଲି ଉଲ୍ଲେଖ କରିଛନ୍ତି । ଦାବିପତ୍ରରେ ଶ୍ରମିକମାନଙ୍କୁ ୧୨ଘଣ୍ଟା କାର୍ଯ୍ୟ କରାଇବା ପରିବର୍ତ୍ତେ ଶ୍ରମ ଆଇନ ଆଧାରରେ ୮



ଘଣ୍ଟା କାର୍ଯ୍ୟକରାଇବା, କୋଲଇଣ୍ଡିଆ ଲିମିଟେଡର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ଶ୍ରମିକମାନଙ୍କୁ ହାଇ ପାୱାର କମିଟି ଅନୁମୋଦିତ ଦରମା ପ୍ରଦାନ କରିବା, ସମସ୍ତ ଠିକା ଶ୍ରମିକମାନଙ୍କୁ ସିଏମପିଏଫ, ପେନ୍‌ସନ୍, ବାର୍ଷିକ ୧୫ ଦିନର ଗ୍ରେଚୁଟି, ୨୦ ଲକ୍ଷ ଟଙ୍କାର ମେଡ଼ିକାଲ ଇନସ୍ୟୁରେନ୍‌ସ, ଭିଇପିଏଲ, ଭିପିଆର, ବିଜିଆର, ଆରଏସ୍ଏ ଆଦି କମ୍ପାନୀ ଦ୍ୱାରା ବେଆଇନ ଭାବେ କାର୍ଯ୍ୟରୁ ବାହାର କରାଯାଇଥିବା ଶ୍ରମିକମାନଙ୍କୁ ତାଙ୍କର ନ୍ୟାୟୋଚିତ ପ୍ରାପ୍ୟ ପ୍ରଦାନ, ବାୟୋ ମେଟ୍ରିକ୍ସ ମାଧ୍ୟମରେ ଶ୍ରମିକମାନଙ୍କ ହାଜିରି ଗ୍ରହଣ, ସମାନ କାମକୁ ସମାନ ଦରମା ଆଦି ଦାବି ଅର୍ନ୍ତଭୁକ୍ତ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏମସିଏଲ ଅଧିକାରୀଙ୍କୁ ଦାବିପତ୍ର ଦେବା ଅବସରରେ ଶ୍ରମିକନେତା ସଙ୍ଗଠରେ ସଭାପତି ରମେଶ କୁମାର ତ୍ରିପାଠୀ କହିଲେ ଏହି ୧୪ ଦଫା ଦାବି ନେଇ ବିଗତ ପାଞ୍ଚ ବର୍ଷ ଧରି ଶ୍ରମିକମାନେ ଲଢ଼େଇ କରିଆସୁଛନ୍ତି ।ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ପାଇଁ ଏମସିଏଲ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ ମଧ କାର୍ଯ୍ୟକାରୀ କରାଯାଉନାହିଁ ।ଜୁଲାଇ ୧୪ ସୁଦ୍ଧା ଏମସିଏଲ ଅଧିକାରୀ ଶ୍ରମିକଙ୍କ ୧୪ ଦଫା ଦାବି କାର୍ଯ୍ୟକାରି ନକଲେ ଜୁଲାଇ ୧୫ରୁ ଶ୍ରମିକମାନଙ୍କ ତରଫରୁ ଲଖନପୁର ଅଞ୍ଚଳର ସମସ୍ତ କ୍ଷେତ୍ରରେ ଚରମ ଆନ୍ଦୋଳନ କରାଯିବ । ଗୁରବାର ସକାଳ ୯ଟାରେ ଶତାଧିକ ଶ୍ରମିକ ଲଖନପୁର ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ।ସେଠାରେ ଦାବିପତ୍ର ପ୍ରଦାନ କରିବା ପରେ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏମସିଏଲ ଚେୟାରମ୍ୟାନ କମ ମ୍ୟାନେଜିଙ୍ଗ ଡାଇରେକ୍ଟରଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ । ଶ୍ରମିକନେତା ଚୂଳଦେବ ଭୋଇ, ସୁରଥ ବାଗ, ବୁଦ୍ଧଦେବପିଙ୍କ, ବରୁଣ କାଲୁ, ଦେବାଧି ମିର୍ଦ୍ଧା, ମଦନ ମେହେର, ସୁଶାନ୍ତ ସାହୁ, ନିମାଇଁ ମେହେର, ସୁଶାନ୍ତ କିଶାନ, ଟିକେଶ୍ୱର ମହାନନ୍ଦ ପ୍ରମୁଖ ଉପସ୍ଥିତଥିଲେ ।

## ଜଗତସିଂହପୁର ଜିଲ୍ଲାରେ ୧୦୫୧ ବୁଥ୍‌ରେ ମତଦାନ କରିବେ ୯,୬୦,୭୩୯ ଭୋଟର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସପ୍ତମ ପର୍ଯ୍ୟାୟରେ, ଜୁନ୍ ୧ ତାରିଖରେ ଜଗତସିଂହପୁର ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ସଫଳ କରିବା ନିମନ୍ତେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ବାଚନ ଅନୁପମ ସାହା ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ, ଏଥର ଜଗତସିଂପୁର ଜିଲ୍ଲାରେ ସର୍ବମୋଟ ୯୬୦୭୩୯ ଜଣ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ । ଯେଉଁଥିରେ ୪୯୭୧୨୩ ଜଣ ପୁରୁଷ ଭୋଟର ୪୬୩୫୧୯ ଜଣ ମହିଳା ଭୋଟର ଓ ୯୭ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି । ଜିଲ୍ଲାରେ ୪ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ୮୫୪ଟି ସ୍ଥାନରେ ୧୦୫୧ଟି ବୁଥ କରାଯାଇଛି ।ଯେଉଁଥିରେ ୧୪୪ଟି ଆଦର୍ଶ ମତଦାନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି । ଏଥିମଧ୍ୟରୁ ୧୩୪ଟି ମହିଳା ପୋଲିଂ ଅଧିକାରୀଙ୍କୁ ନେଇ ସଖୀ ବୁଥ୍, ୮ଟି ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ବୁଥ୍ ଏବଂ ୨ଟି ଭିନ୍ନକ୍ଷମ ପରିଚାଳିତ ପୋଲିଂ ରହିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସଖୀ ବୁଥ୍ ଗୁଡ଼ିକରେ ନିୟୋଜିତ ମହିଳା ଅଧିକାରୀଙ୍କ ସୁବିଧା ସୁଯୋଗ ସହ ସୁରକ୍ଷା ନିମନ୍ତେ ମହିଳା ପୋଲିସ ମୁତୟନ କରାଯାଇଛି ।ସୁରକ୍ଷା ଦୃଷ୍ଟିରୁ ୧୬ଟି କ୍ରିଟିକାଲ ଓ ୩୩ଟି ଭଲନରେବଲ ବୁଥ୍ ଚିହ୍ନଟ କରାଯାଇଛି ସମ୍ବେଦନଶୀଳ ବୁଥ୍ ସମେତ ସମସ୍ତ ମତଦାନ କେନ୍ଦ୍ରରେ ୧୨ କମ୍ପାନୀ ସିଏପିଏଫ, ୧୯୫୪ ରାଜ୍ୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ କରାଯିବା ସହ ୪ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୮ଜଣ ଡିଏସପି ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଅଛନ୍ତି। ୬୦ ପ୍ରତିଶତ ବୁଥ୍ ବା ୬୨୮ଟି ବୁଥ୍‌ରେ ୱେବ କାଷ୍ଟିଙ୍ଗ ଓ ୫୨ଟି ବୁଥ୍‌ରେ ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି । ଏମଏଫ ଆଧାରରେ ପ୍ରତ୍ୟେକ ବୁଥ୍‌ରେ ୨ଟି ଡୋର, ଶୌଚାଳୟ, ପାନୀୟଜଳ, ଭିନ୍ନକ୍ଷମ ଭୋଟରଙ୍କ ନିମନ୍ତେ ହୁଇଲଚେୟାର ଓ ରାମ୍ପ ବ୍ୟବସ୍ଥା କରାଯାଇଛି ।

## ବଜ୍ରପାତରେ ଝିଅ ମୃତ:ବାପା-ମା’ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଗୁରୁବାର ଅପରାହ୍ନରେ ଘଡଘଡ଼ି ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବୋହିବା ସହିତ ବଜ୍ରାଘାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଟିକାବାଲି ଥାନା ଅନ୍ତର୍ଗତ ବପଲମେଣ୍ଡି (ବି) ବାହାଡ଼ା ସାହି ଗ୍ରାମପଞ୍ଚାୟତ ଅଧୀନସ୍ଥ ଗୁଡାର ସାହିର ବିମ୍ବାଧର ବିଷୋୟୀଙ୍କର ଦ୍ୱିତୀୟ କନ୍ୟା ରୁପାଲୀ ବିଷୋୟୀ (୨୩) । ରୁପାଲୀଙ୍କ ପରିବାର ନିଜ ଘର ଗୁଡ଼ାରୀ ସାହିରୁ ଆସି ଟିକାବାଲି ଆଖଣ୍ଡଳମଣି ମନ୍ଦିର ପାଖରେ ଭଡ଼ାଘରେ ରହୁଥିଲେ । ଗୁରୁବାର ଅପରାହ୍ନରେ ହଠାତ୍ ଘର ଉପରେ ବଜ୍ରାଘାତ ହୋଇଥିଲା ।ସେଥିରେ ବିମ୍ବାଧର ବିଷୋୟୀ, ମାଆ ଅତୁଳା ବିଷୋୟୀ ସାମାନ୍ୟ ଆଘାତ ହେଇଥିବା ବେଳେ ରୁପାଲୀ ଗୁରୁତର ହୋଇପଡ଼ିଥିଲେ । ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଟିକାବାଲି ମେଡିକାଲରେ ଭର୍ତ୍ତି କରିଥିଲେ । ଖବରପାଇ ଟିକାବାଲି ଆଇଆଇସି କଲ୍ୟାଣୀମୟୀ ଷେଣ୍ଠ ଘଟଣା ସ୍ଥଳରେ ପହଞ୍ଚି କେଶ ନଂ.୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଥିବା ସୂଚନା ଦେଇଛନ୍ତି ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତଥା ବାର୍ଦ୍ଧକ୍ୟ କାରଣରୁ ହୀରାକୁଦ ଆଇ.ଟି.ଆଇ ଗୁଜାତଲର ବାସିନ୍ଦା ୭୨ ବର୍ଷୀୟ ମାଲିକ ରାମଙ୍କ ଲରପଙ୍କ ଠାରେ ମୃତ୍ୟୁବରଣ କରିଛନ୍ତି । ତାଙ୍କର ନାତି ବିଶିକେଶନ ଧୁରୁଆଙ୍କ ବ୍ୟତୀତ ଅନ୍ୟ କେହିନାହାନ୍ତି । ତାଙ୍କର ନାତି ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ହୀରାକୁଦ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କୁ ନିଜର ଅସମର୍ଥତା ଜଣାଇଥିଲେ । ଥାନା ଅଧିକାରୀ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରିବା ସହ ସ୍ୱେଚ୍ଛାସେବୀ ତଥା ସମ୍ବଲପୁର ଜିଲ୍ଲା ଯୁବ ବିଜେଡ଼ି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର ଖବରପାଇ ତୁରନ୍ତ ଆସି ଅନ୍ତିମ ସଂସ୍କାର କରିବା ପାଇଁ ସବୁ ବ୍ୟବସ୍ଥା କରିଥିଲେ । ଏହି ସମୟରେ ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ସହ ବିଶିକେଶନ ଓରାମ, ଲାଲବାବୁ ସାହାଣୀ, ସନ୍ତୋଷ ସାହାଣୀ, ବିଜୟ କୁମାର ମିର୍ଦ୍ଧା, ଜୟଦେବ ମିର୍ଦ୍ଧା, ସରଜୁ ଓରାମ, ସୁମନ୍ତ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହି ମନ୍ଦଲିଆ ରିଙ୍ଗ ରୋଡ଼ ସ୍ଥିତ ରାଜଘାଟରେ ଅନ୍ତିମ ସଂସ୍କାର କରିଥିଲେ ।



## ଗରାମରେ ବିଜେଡିର କର୍ମୀ ସମ୍ମିଳନୀ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀ ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ, ଜିଲ୍ଲାପରିଷଦ ଅଧକ୍ଷା ସୁଜାତା ମହାନ୍ତି, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ବିଧାୟକ ପ୍ରାର୍ଥୀ ରମାକାନ୍ତଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ନିର୍ବାଚନରେ ବିଜେଡିର ଭୋଟ୍ ବ୍ୟାଙ୍କ ବଢ଼େଇବା ପାଇଁ ଆଲୋଚନା କରାଯାଇଥିଲା । ସଭାରେ ରମାକାନ୍ତ ଭୋଇ ନିଜର ଅଭିଭାଷଣର ଭୋଟ୍ ଭିକ୍ଷା କରିଥିଲେ ।ତେବେ ଏହି କାର୍ଯ୍ୟକ୍ରମକୁ କିଛି ବିରୋଧ ହେବା ସତ୍ତ୍ୱେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ଏହି କର୍ମୀ ସମ୍ମିଳନୀରେ ହଜାର ହଜାର କର୍ମୀ ଓ ମହିଳାମାନେ ଏକାଠି ହୋଇଥିଲେ । ଗରାମରେ ବିଜେଡ଼ିର ଭୋଟ୍ ହାର ବଢିବ ବୋଲି କର୍ମୀମାନେ କହିଥିଲେ ।ତେବେ ବିରୋଧ ସତ୍ତ୍ୱେ କର୍ମୀ ସମ୍ମିଳନୀ ସଫଳ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କୁ କୃତଜ୍ଞତା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟଦାତା ଓ ଜନସାଧାରଣଙ୍କ ବ୍ଲକ ଯୁବ ଜନତା ଦଳର ସଭାପତି ଡିସ ନାୟକ କୃତଜ୍ଞତା ଜଣାଇଛନ୍ତି । ନିର୍ବାଚନ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଲୋକାଭିମୁଖୀ କାର୍ଯ୍ୟ ଓ ସ୍ଥାନୀୟ ବିଧାୟକଙ୍କ ବିକାଶ ମୂଳକ କାର୍ଯ୍ୟରେ ତାଙ୍କୁ ବିପୁଳ ସମର୍ଦ୍ଧନା ମିଳିଛି ।




ଧର୍ମଶାଳା ଓଡ଼ିଶାରେ ୧ନଂ ହୋଇଛି । ପ୍ରିୟ ବିଧାୟକ ପ୍ରଣବବଳବନ୍ତ ରାୟ ବହୁ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ । ଗାର୍ଲ୍ସୱିଂସ ଓ ଯୁବଛାତ୍ର ମହିଳା କର୍ମକର୍ତ୍ତା ୫୪ଟି ପଞ୍ଚାୟତ ବୁଲିଛୁ । ଲୋକଙ୍କୁ ଭେଟିଛୁ । ବିଜେପି ଓ ସ୍ୱାଧିନ ଭିତରେ ଲଢେଇ ଚାଲିଛି । ତାଙ୍କ ଦଳର ମନ୍ତ୍ରୀ ନୀଳବର୍ଣ୍ଣ ଶୃଗାଳ କଥା କହୁଥିଲେ । ଦଳରେ ରହି ଦଳକୁ ବଦନାମ କରୁଥିଲା । ବେପାରୀରୁ ରାଜନୀତି କରିବାକୁ ମନ କରିଥିବା ସ୍ୱାଧିନ ପ୍ରାର୍ଥୀ ଗୁଣ୍ଡାଗର୍ଦ୍ଦି ଆରମ୍ଭ କରିଛନ୍ତି । ତାଙ୍କର ବହୁ କ୍ରିମିନାଲରେ କର୍ଡ ରହିଛି । ସେ ସତ୍ୟପାଠ ଜରିଆରେ ଜଣାଇଛି ।ଏଭଳି ଅସାମାଜିକ ଲୋକଙ୍କୁ ସତର୍କ ରୁହନ୍ତୁ । ବିକାଶକୁ ଆଗକୁ ନେବା ପାଇଁ ଯୋଡ଼ି ଶଙ୍ଖ ଚିହ୍ନରେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସବ୍ୟସାଚୀ ସୁନ୍ଦରାୟ, ବ୍ଲକ ବିଜୁଛାତ୍ର ଜନତାଦଳର ସଭାପତି ଜଗଦାନନ୍ଦ ରାଉତ, ଜିଲ୍ଲାସମ୍ପାଦକ ସୌମ୍ୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ପୌରାଞ୍ଚଳରେ ସଂଖ୍ୟାଲଘୁ କର୍ମୀ ସମାବେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ହାଇସ୍କୁଲ ଛକରେ ସଂଖ୍ୟାଲଘୁ ମାନଙ୍କ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବ ନେତା ଅବଦୁଲ ମଜିଦ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡିର ଦୀର୍ଘ ୨୪ବର୍ଷ ଶାସନ କାଳ ମଧ୍ୟରେ ସଂଖ୍ୟାଲଘୁ ମାନଙ୍କର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମର ପ୍ରଶଂସା କରାଯାଇଥିଲା। ଏଥି ସହିତ ସଂଖ୍ୟାଲଘୁ ମାନଙ୍କର ବିଭିନ୍ନ ସମସ୍ୟା, ଛାତ୍ରଛାତ୍ରୀ ମାନଙ୍କ ପାଠପଢା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଆୟୋଜିତ ଏହି ବୈଠକରେ ବିଜେଡି ନେତା ସେକ ଜବିଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଏହି କର୍ମୀ ସମାବେଶରେ ବହୁ ସଂଖ୍ୟକ ସଂଖ୍ୟାଲଘୁ ସଂପ୍ରଦାୟର ନେତା, କର୍ମୀମାନେ ଉପସ୍ଥିତ ଥିଲେ ।



## ଚା’ ଖଟିରେ ବୈଜୟନ୍ତ ଓ ଗୀତାଞ୍ଜଳୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ପୂର୍ବତନ ସାଂସଦ ତଥା ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ୧୦୦ ବର୍ଷର ପୁରୁଣା ରଘୁ ଚା ଦାକାନରେ ଗୁରୁବାର ସମର୍ଥକଙ୍କ ସହ ପହଞ୍ଚି ଚା ଦୋକାନରେ ବସି ଚା ପିଇଥିଲେ । ଏହି ସମୟରେ ତାଙ୍କର ଶହ ଶହ ସମର୍ଥକ ଶୀ ପଣ୍ଡାଙ୍କୁ ଦେଖି ଉତ୍‌ଫୁଲ୍ଲିତ ହୋଇ ତାଙ୍କ ସାଙ୍ଗରେ ଚା ପିଇଥିଲେ । ସମର୍ଥକଙ୍କୁ ଶ୍ରୀ ପଣ୍ଡା ତାଙ୍କ ସପକ୍ଷରେ ମତଦାନ କରିବା ପାଇଁ ଅନୁରୋଧ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀନୀ ଗୀତାଞ୍ଜଳୀ ସେଠୀ, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ନେହେରୁ ସାହୁ, ଗଗନ ବିହାରୀ ଦାସ, ସଲିମ ଖାନଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧।୬।୨୦୨୪, ଜ୍ୟେଷ୍ଠ ଦି୧୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୭।୩୩** **ଚନ୍ଦ୍ରୋଦୟ- ରାଘ ୧।୩୫।୦୫**

ନବମୀ- ପ୍ରାଘ ୭।୨୪ । ଦଶମୀ କ୍ଷୟ । ଉତ୍ତରଭାଦ୍ର ନକ୍ଷତ୍ର - ରାଘ ୩।୧୬ ପର୍ଯ୍ୟନ୍ତ । ମୀନ ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ପ୍ରାଘ ୭।୨୪ ଗତେ କଳମ ଶାଗ ନିଘ ୫।୦୫ ଗତେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଘ ୧୨।୧୦ ମଧ୍ୟେ, ଦିଘ ୩।୦୨ ଗତେ ଘ ୩।୪୦ ମଧ୍ୟେ। **ପର୍ବୋତ୍ସବ -** ତ୍ର୍ୟହସ୍ପର୍ଶ ତିଥି, ବିଶ୍ୱ ମାତା ପିତା ଦିବସ ।



**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ । ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ । ହେଲେ କ୍ଷତିରେ ପଡ଼ିବେ ନାହିଁ । ଦେହ ଭଲ ରହିବ ନାହିଁ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ।



**ବୃଷ:** କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ । ପ୍ରବାସୀ ଜୀବନ ଅତିବାହିତ କରିବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ଲାଭ ।



**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରେ ଲାଭ ମିଳିବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଆଶ୍ୱସ୍ତି ଲାଭ । ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବେ ।



**କର୍କଟ:** ଅତୀତର ଘଟଣାକୁ ନେଇ ମନ ଉଦାସ ରହିବ । ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ । ରୋଜଗାରର ପରିମାଣ ବଢ଼ିବ । ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ।



**ସିଂହ:** ଆପଣ ଯଶସ୍ୱୀ ହେବେ । ଅଟକି ରହିଥିବା କାମଟି ପୂରଣ ହେବ । ଯାତ୍ରାରେ ସଫଳତା ମିଳିବ । ମହିଳାମାନେ ଅସୁସ୍ଥ ଅନୁଭବ କରିବେ । ଗୃହେ ସୁଖ ଶାନ୍ତି ଲାଭ କରିବେ । ଉତ୍ତମ ଭୋଜନରେ ଅପ୍ୟାୟିତ ହେବେ ।



**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ । ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ । କୌଣସି ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଆୟ ଓ ବ୍ୟୟ ସମାନ ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ତୁଳା:** ପରୋପକାରୀ ହେବେ । ସମସ୍ତଙ୍କ ପ୍ରିୟ ପାତ୍ର ହେବେ । ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ। ରୋଜଗାର ମଧ୍ୟମ ଧରଣର ହେବ । ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶରୀର ସୁସ୍ଥ ରହିବ ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ । ବନ୍ଧୁମାନେ ସହଯୋଗ କରିବେ । ଭ୍ରମଣ ସୁଖ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ଗୃହରେ ଶାନ୍ତି ଲାଭ ।



**ଧନୁ:** ଯାନବାହାନ କ୍ରୟ କରିବେ । କଥାବର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ । ରୋଜଗାର ସ୍ଥିର ରହିବ। ଗୃହେ ଶାନ୍ତି ବଜାୟ ରହିବ ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ । ଶତ୍ରୁମାନେ ପରାଜିତ ହେବେ । ଆୟ ବୃଦ୍ଧି ଘଟିବ । ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ । ଚଞ୍ଚଳମନା ହେବେ । ପରିବାରରେ କଳହ । ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ । ତ୍ୟାଗଶୀଳ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ । ପରିବାରରୁ ସାହାଯ୍ୟ ସହଯୋଗ ମିଳିବ । ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨।୬।୨୦୨୪, ଜ୍ୟେଷ୍ଠ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୭।୨୮** **ଚନ୍ଦ୍ରୋଦୟ- ରାଘ ୨।୧୪।୦୭**

ଏକାଦଶୀ- ରାଘ ୨।୪୧ ପର୍ଯ୍ୟନ୍ତ । ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର - ରାଘ ୧।୪୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ରାଘ ୧।୪୦ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ରାଘ ୧।୪୦ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୨।୪୧ ପରେ ପୋଇ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୫୪ ଗତେ ଦିଘ ୯।୩୩ ମଧ୍ୟେ । ଦିଘ ୧।୨୩ ଗତେ ଘ ୨।୪୮ ମଧ୍ୟେ । **ପର୍ବୋତ୍ସବ -** ଅପରା ବା ଜଳକ୍ରୀଡ଼ା ଏକାଦଶୀ (ସ୍ମାର୍ତ୍ତ)



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୨୪ ● ୦୧ ଜୁନ୍ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-124 ● 1th June 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24

# ଦୌଡୁଛି ଭାରତର ଅର୍ଥନୀତି, ୨୦୨୩-୨୪ରେ ୮.୨% ଅଭିବୃଦ୍ଧି



**ନୂଆଦିଲ୍ଲୀ, ୩୧/୦୫**

୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୮.୨ ପ୍ରତିଶତ ରହିଥିଲା। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ମାର୍ଚ୍ଚ ତ୍ରୟମାସରେ ଦେଶର ଅର୍ଥନୀତି ବାର୍ଷିକ ଭାବେ ୭.୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହା ସହିତ ପୂରା ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୮.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀ-ମାର୍ଚ୍ଚରେ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିଥିଲା, ଯାହା ଗତବର୍ଷ ସମାନ ତ୍ରୈମାସରେ ୬.୨ ପ୍ରତିଶତ ଥିଲା। ତେବେ ୨୦୨୩ ଅକ୍ଟୋବର-ଡିସେମ୍ବର ତୁଳନାରେ ମାର୍ଚ୍ଚ ତ୍ରୈମାସିକ ଅଭିବୃଦ୍ଧି ହାର ହ୍ରାସ ପାଇଛି। ଡିସେମ୍ବର ତ୍ରୟମାସରେ ଦେଶର ଅର୍ଥନୀତି ୮.୬ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିଛି।

ଜିଡିପି ଏକ ନିର୍ଦ୍ଦିଷ୍ଟ ଅବଧିରେ ଏକ ଦେଶର ଭୌଗୋଳିକ ସୀମା ମଧ୍ୟରେ ଉତ୍ପାଦିତ ଚୂଡ଼ାନ୍ତ ଦ୍ରବ୍ୟ ଏବଂ ସେବାର ମୋଟ ମୂଲ୍ୟକୁ କୁହାଯାଇଥାଏ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଥିଲା। ଦ୍ୱିତୀୟ ଆଗୁଆ ଆକଳନରେ ଏନଏସଓ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୭.୭ ପ୍ରତିଶତ ରହିବ ବୋଲି ଆକଳନ କରିଥିଲା। ଅର୍ଥନୈତିକ କ୍ଷେତ୍ରରେ ଭାରତର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ୫.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏଣୁ ଭାରତ ପୁଣି ଥରେ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ପାଇଛି ।

## ନବୀନ ସରକାରଙ୍କ ବଡ଼ ଘୋଷଣା

# ଚାଷୀଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ମାଗଣା ବିଜୁଳି

**ଭୁବନେଶ୍ୱର, ୩୧/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ରାଜ୍ୟର ଚାଷୀ ଭାଇମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି। ୨୦୨୪ ନିର୍ବାଚନରେ ଯଦି ପୁଣି ରାଜ୍ୟରେ ବିଜେଡି ସରକାର ଗଠନ ହୁଏ ତେବେ ରାଜ୍ୟର ଚାଷୀମାନଙ୍କୁ ଏସବୁ ସୁବିଧା ଉପଲବ୍ଧ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ, ଯଦି ରାଜ୍ୟରେ ପୁଣି ବିଜେଡି ସରକାର ଗଠନ ହୁଏ, ତେବେ ରାଜ୍ୟର ସମସ୍ତ ଚାଷୀଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବ। ଏହାସହ ଚାଷୀମାନେ ଯେତେବେଳେ ଝିଅ ବାହାଘର କରିବେ ସେତେବେଳେ ରାଜ୍ୟ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ, ଚାଷୀମାନେ ସେମାନଙ୍କ ଫସଲ ବିକ୍ରି କରିବାକୁ ଯାଉଛନ୍ତି




ସେତେବେଳେ ହନ୍ତସନ୍ତ ହେଉଛନ୍ତି। ଏହାର ସମାଧାନ ପାଇଁ ରାଜ୍ୟ ସରକାର ମଣ୍ଡିଗୁଡିକର ଅତ୍ୟାଧୁନିକ ଗୋଦାମ ଘର ନିର୍ମାଣ କରିବାକୁ ୫୦୦ କୋଟିର ଅନୁଦାନ ପ୍ରଦାନ କରିବେ।

## କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର

# ୨୫ ଲକ୍ଷକୁ ବଢ଼ିଲା ଗ୍ରାଚ୍ୟୁଇଟି ସୀମା



**ନୂଆଦିଲ୍ଲୀ, ୩୧/୦୫**

କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କୁ ଏକ ବଡ ଉପହାର ଦେଇଛନ୍ତି । କିଛିଦିନ ପୂର୍ବେ ମହଙ୍ଗା ଭତ୍ତା ୪ ପ୍ରତିଶତ ବଢାଇବା ପରେ ସରକାର ଏବେ ଗ୍ରାଚ୍ୟୁଇଟି ରାଶି ବୃଦ୍ଧି କରିଛନ୍ତି। ସରକାର ଅବସର ନେଉଥିବା କର୍ମଚାରୀଙ୍କ ଗ୍ରାଚୁଇଟିକୁ ୨୫% ବୃଦ୍ଧି କରିଛନ୍ତି । ୨୦୨୪ ମେ' ୩୦ ତାରିଖର ଅଫିସ ସର୍କୁଲାର (ଓଏମ୍) ଅନୁଯାୟୀ ଅବସର ଗ୍ରାଚ୍ୟୁଇଟିର ସର୍ବୋଚ୍ଚ ସୀମା ୨୦ ଲକ୍ଷଟଙ୍କାରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ୨୦୨୪ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହେବ। ପୂର୍ବରୁ ୨୦୨୪ ଏପ୍ରିଲ ୩୦ରେ ସମାନ ଘୋଷଣା କରାଯାଇଥିଲେ ମଧ୍ୟ ମେ ୭ତାରିଖରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଗ୍ରାଚ୍ୟୁଇଟି ହେଉଛି କର୍ମଚାରୀଙ୍କୁ କ୍ରମାଗତ ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ସେବା ପ୍ରଦାନ କରିବା ପାଇଁ ନିଯୁକ୍ତିଦାତା ଦ୍ୱାରା ପ୍ରଦାନ କରାଯାଉଥିବା ଏକ ଲାଭ ଯୋଜନା ।

# ଖରାରେ କାମ କରାଇଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ: ଏସଆରସି

**ଭୁବନେଶ୍ୱର, ୩୧/୦୫**
**ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ପ୍ରବାହ ସମୟରେ ସବୁଠୁ ସତର୍କ ରହିବାର ସମୟ ହେଉଛି ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା। ଏହି ସମୟ ଭିତରେ ସତର୍କ ରହିଲେ ଅଂଶୁଘାତରୁ ବର୍ତ୍ତି ପାରିବା। ଏନେଇ ସୂଚନା ଦେଇଛନ୍ତି ଏସଆରସି ସତ୍ୟବ୍ରତ ସାହୁ। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖରାରେ କାମ କରାଇବା ମନା। ଖରାରେ କାମ କରାଇଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ମେ' ମାସରେ ରାତିରେ ରହୁଛି ଅଧିକ ଗରମ। ଅତ୍ୟଧିକ ଗରମ ରାତିରେ ରହିବା ଫଳରେ ଶୋଇଲେ ବି ଶରୀର ବିଶ୍ରାମ ନେଉନି। ରାତିରେ ଗରମ ଅଧିକ ରହିଲେ ଲୋକଙ୍କ ପାଇଁ ବିପଦ। ବିନା ଏସିରେ ରାତିରେ ଘର ଭିତରେ ରହିଲେ ବି ବିପଦ। ଏଣେ ଶନିବାର ଠୁ ତାପମାତ୍ରା ଧୀରେ ଧୀରେ କମିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ନିମ୍ନଚାପ ରେଖା ହେତୁ ଶନିବାର ଠାରୁ ଧୀରେ ଧୀରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଦୁଇ ଦିନ ଅଧିକ ସତର୍କ ରହିବାକୁ କୁହାଯାଇଛି। ସକାଳ ସୁଦ୍ଧା ଚାନ୍ଦବାଲିରେ ୯୧% ଆର୍ଦ୍ରତା ରହିଥିବା ବେଳେ, ବାଲେଶ୍ୱରରେ ୯୧%, ପାରାଦୀପରେ ୮୪, କେଉଁଝରରେ ୭୩, ଭୁବନେଶ୍ୱରରେ ୭୮% ଆର୍ଦ୍ରତା ରହିଛି।



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରୁ ୧୨, ଝାରସୁଗୁଡ଼ାରୁ ୬ଟି ମୃତ୍ୟୁ ଅଭିଯୋଗ ଆସିଛି। ତେବେ ଏହି ସମ୍ପର୍କରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ତଦନ୍ତ କରୁଛନ୍ତି। ତଦନ୍ତ ରିପୋର୍ଟ ଆସିଲା ପରେ ଅଶୁଂଘାତ ମୃତ୍ୟୁ କି ନୁହେଁ ତାହା ସ୍ପଷ୍ଟ ହେବ ବୋଲି ଏସଆରସି କହିଛନ୍ତି।



ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବ

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି । ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ । ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ । ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି । ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି । ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି । ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି । ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ । ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ । ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ । ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି । ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି । ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି । ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି । ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି । ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ । ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି । ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ । ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ । ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି ।

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ-୪୭

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ପ୍ରସାଦ ନିର୍ମାଣ ଓ ଗ୍ରାମ୍ୟମୁଖ୍ୟଙ୍କୁ ନିମନ୍ତ୍ରଣ

ସୋମା-କୌଣ୍ଡିନ୍ୟଙ୍କ ବିବାହପର ଉତ୍ସବାଦି ପାଳନ କଲାପରେ, ରହିଥିବା ମୁଖ୍ୟକାର୍ଯ୍ୟ କରିବା ପାଇଁ ସୋମାଙ୍କ ପିତା ଅଗ୍ରଗଣ୍ୟ ଭୂମିକା ନେଲେ । ଅର୍ଥାତ୍ ପ୍ରାସାଦ ନିର୍ମାଣ ଓ ପରବର୍ତ୍ତୀ ରାଜ୍ୟ ସ୍ଥାପନ ନିମିତ୍ତ ଆବଶ୍ୟକୀୟ କାର୍ଯ୍ୟ ଶୀଘ୍ର କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଲେ ତାହା ଚଳିତ ଗୀତର ବିଷୟବସ୍ତୁ ।

ଗୀତଟିର ସମସ୍ତ ଧାଡିର ପ୍ରଥମ ଅଂଶର ଆରମ୍ଭ 'ବ'ରେ ହୋଇଥିଲା ବେଳେ ଦ୍ୱିତୀୟ ଅଂଶର ପ୍ରଥମ ଅକ୍ଷର ସର୍ବଦା 'ସ/ଶ' ରଖାଯାଇ ଗୀତକୁ ଶ୍ରୁତିମଧୁର କରିବାର ପ୍ରୟାସ କରାଯାଇଛି ।

ବିତିଲା ଆନନ୍ଦ ସମୟ
ସମାରୋହ ଶେଷକୁ
ବିନିଯୋଗ କଲେ କାର୍ଯ୍ୟରେ
ସୋମାପିତା ନିଜକୁ ।।୧।।
ବରକନ୍ୟାଙ୍କୁ ସେ କହିଲେ
ସୁଖେ ବିଶ୍ରାମ କର
ବିନା କଷ୍ଟେ ମୁଁ ତୁଲାଇବି
ସକଳ କାର୍ଯ୍ୟଭାର ।।୨।।
ବିଧିମତେ ଗୃହ ନିର୍ମାଣ
ସୈନ୍ୟ ଆଦି କରିଲେ
ବିପଣି ଓ ଗ୍ରାମମାନରୁ
ସାମଗ୍ରୀ ସେ କିଣିଲେ ।।୩।।
ବଣିକମାନେ ଆଗଭର
ସ୍ୱଇଚ୍ଛାରେ ହୋଇଣ
ବିଶେଷ ଭାବେ କଲେ ତାଙ୍କ
ସହିତ ଯୋଗଦାନ ।।୪।।
ବହୁତ ବେଗରେ କାର୍ଯ୍ୟାଦି
ଶୀଘ୍ର ହେଲା ସମାପ୍ତ
ବହୁ ଶୀଘ୍ର ପ୍ରାସାଦ ଦେଖି
ସମସ୍ତେ ଆନଂଦିତ ।।୫।।
ବିଶେଷ ପ୍ରାସାଦ ଆଦିର
ଶୋଭା ହୁଏ ପ୍ରକଟ
ବିଚାରନ୍ତି ଜନେ ଅଟେ କି
ସ୍ୱର୍ଗ ଏତେ ନିକଟ ।।୬।।
ବିଲୋକନ କରି ସହର୍ଷେ
ସୋମା କୌଣ୍ଡିନ୍ୟ ବୀର
ବାସ କରିବାକୁ ପ୍ରାସାଦେ
ଶୀଘ୍ର ମନ ଅଧୀର ।।୭।।
ବିହିତ ମତେ ଉଦ୍‌ଘାଟନ
ସୋମାପିତା କରିଲେ
ବିଳମ୍ବ ନ କରି ସକଳେ
ସେଠି ଯାଇ ରହିଲେ ।।୮।।
ବସି ବିଚାରିଲେ ପ୍ରାସାଦେ
ସବୁ ବିଶିଷ୍ଟ ଜନ
ବିଭିନ୍ନ ଗ୍ରାମର ମୁଖ୍ୟଙ୍କୁ
ସମ୍ମିଳିତ କରିଣ ।।୯।।
ବିଷୟରେ ରାଜ୍ୟ ଗଠନ
ସର୍ବେ କରିବେ ସ୍ଥିର
ବାର୍ତ୍ତା ତେଣୁ ପହଞ୍ଚାଇଲେ
ସେମାନଙ୍କ ପାଶର ।।୧୦।।



ବିଶିଷ୍ଟ ବ୍ୟକ୍ତି ଓ ମୁଖିଆ
ସବୁ ଗ୍ରାମାଞ୍ଚଳର
ବିଶେଷ ନିମନ୍ତ୍ରଣ ଲଭି
ସୁଖୀ ମନେ ଅପାର ।।୧୧।।
ବହୁ ପ୍ରତୀକ୍ଷିତ ସଭାରେ
ସର୍ବେ ହେଲେ ଏକତ୍ର
ବୁଲି ରାଜ ପ୍ରାସାଦରେ ତା'
ଶୋଭା ଦେଖି ଚକିତ ।।୧୨।।
ବିସ୍ମୟେ ଗ୍ରାମ୍ୟ ମୁଖ୍ୟମାନେ
ସଭାସ୍ଥଳକୁ ଗଲେ
ବୀର କୌଣ୍ଡିନ୍ୟ ସୋମା ସହ
ସୋମାପିତା ଆସିଲେ ।।୧୩।।
ବିନୟେ କରି ନମସ୍କାର
ସେମାନେ ମଞ୍ଚାସୀନ
ବିନତ ଶିରେ ସର୍ବେ କଲେ
ସମ୍ମାନ ପ୍ରଦର୍ଶନ ।।୧୪।।
ବୀରଙ୍କୁ ମଂଚପର ଦେଖି
ସୋମାଙ୍କର ସହିତ
ବିପୁଳ କରତାଳି ନାଦେ
ସଭା ଯେ ପ୍ରକଂପିତ ।। ୧୫।।
ବିମୁଗ୍ଧ ଦେଖି ସଭାସଦ୍
ସଭାମଞ୍ଚେ ଏ ତ୍ରୟ
ବାମେ ସୋମା ବୀର ଦକ୍ଷିଣେ
ସତେ ଏ କି ବିସ୍ମୟ ।।୧୬।।
ବୀରଶ୍ରୀ ପ୍ରଥମ ପ୍ରସ୍ତାବେ
ସଭା ଆରମ୍ଭ କଲେ
ବିନା ବିରୋଧେ ସୋମାପିତା
ସଭାପତି ଯେ ହେଲେ ।।୧୭।।
ବ୍ୟକ୍ତ କଲେ ନିଜ ଭାଷଣ
ସଭାପତି ଉଠିଣ
ବ ସ ଶ ରେ ଲେଖି କରଇ
ଶେଷ ଦୁର୍ଗାଚରଣ ।।୧୮।।

**ଶବ୍ଦାର୍ଥ**
ବିପଣି-ଦୋକାନ । ସାମଗ୍ରୀ-ଘର ନିର୍ମାଣ ଜିନିଷ । ବିହିତ-ଠିକ୍ କରାଯାଇଥିବା ।

# ଫେରି ଆସନ୍ତା କି ପିଲାଦିନ



ଡ. ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୬୨୭

ଚଳିତ ବର୍ଷ ଗ୍ରୀଷ୍ମର ପ୍ରକୋପ ବଢ଼ିଗଲାଣି । ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଉଠିଲାଣି ସୂଚନା ମିଳୁଛି ଆଗକୁ ତାତି ଆହୁରି ବଢ଼ିବ । ତା'ହେଲେ ଅବସ୍ଥା ଯେ କ'ଣ ହେବ; ଏ କଥା ଭାବି ବସିଲାବେଳକୁ କାନରେ ବାଜିଲା- ମଲେଇ ନେବ ମଲେଇ... ଏ କ'ଣ ! ଏ ଉଦୁଉଦିଆ ଖରାବେଳଟାରେ କିଏ ପୁଣି ଡାକୁଛି- ମଲେଇ ନେବ ମଲେଇ । ଏ ମଲେଇ ଡାକଟି କାହିଁ କେତେ ବର୍ଷ ପରେ କାନରେ ପଡ଼ିଲା । ଏବେ ତ କେବଳ ନାନା କିସମର ଆଇସକ୍ରିମ୍ । ଏ ମଲେଇ ଡାକ ହଜିଯିବାକୁ ବସିଲାଣି । ଆଜି ହଠାତ୍ ଏ ମଲେଇ... ମଲେଇ... ଡାକରେ ବାହାରକୁ ଯାଇ ଦେଖେ ତ- ଏ ଉଦୁଉଦିଆ ଖରାବେଳଟାରେ ହାପ୍ ପ୍ୟାଣ୍ଟ ଓ ସାର୍ଟ ପିନ୍ଧା ବୃଦ୍ଧ ଲୋକଟିଏ ମୁଣ୍ଡରେ ଗାମୁଛା ବାନ୍ଧି, ସାଇକେଲ୍ ପଛରେ କାଠ ବକ୍ସଟିଏ ରଖି ମଲେଇ ମଲେଇ ଡାକ ଦେଇ ଯାଉଛି । ଇଚ୍ଛା ହେଉଥିଲା ସେ ମଲେଇବାଲାକୁ ଡାକି ଦୁଇ ଚାରୋଟି ମଲେଇ ଏକା ସଙ୍ଗେ ଖାଇଯିବାକୁ କିନ୍ତୁ ମନେ ପଡ଼ିଗଲା ବାବା ବୋଉଙ୍କଠାରୁ ପିଲାଦିନେ ଶୁଣିଥିବା ତାଗିଦ୍- 'ମଲେଇ ଖାଇବୁନି, ଏସବୁ ଗାଡ଼ିଆ, ପୋଖରୀ, ନାଳ ଆଦିର ଅପରିଷ୍କାର ପାଣିରେ ହୋଇଥାଏ ।' ତେଣୁ ମଲେଇବାଲାକୁ ଡାକି ନ ପାରି ଅଗତ୍ୟା ଘର ଭିତରକୁ ପଶି ଆସିଲା ବେଳକୁ; ବୋଉ ସତେ ଯେପରି ମୋ ମନକଥା ଛଡ଼ାଇ ନେଲା ଭଳି କହି ଉଠିଲା- ମଲେଇବାଲାକୁ ଡାକିଲୁନି; ସମସ୍ତେ ମିଶି ମଲେଇ ଖାଇଥାନ୍ତେ । ତେଣୁ ଆଉ ଡେରି ନ କରି ମଲେଇବାଲାକୁ ଡାକିଦେଲି । ଆଉ ତା' କାଠ ବକ୍ସରେ ଥିବା କଦଳୀ ମିଶା, ନଡ଼ିଆ କୋରା ମିଶା, ସିମେଇ ଓ ଶାଗୁଦାନା ମିଶା, କମଳା ଓ ଅଙ୍ଗୁର ମିଶା ଆଦି ନାନା କିସମର ଦଶଟି ମଲେଇ ନେଇ ଆସିଲି । ବାବା ଘରେ ନଥାନ୍ତି । ଭଉଣୀ ତ ଏବେ ତା' ଶାଶୁଘରେ । ତେଣୁ ଆମେ ଦୁଇଭାଇ ଆଉ ବୋଉ ମିଶି ବସିଲୁ ମଲେଇ ଖାଇବାକୁ । କି ଆନନ୍ଦ ସଭିଙ୍କ ମନରେ। ଏ ଉଦୁଉଦିଆ ଖରାବେଳଟାରେ କୋଟିନିଧି ପାଇଗଲା ଭଳି ମନେ ହେଉଥିଲା । କିନ୍ତୁ ଏ କ'ଣ ? ଏହି ମଲେଇ ଖାଇବା ପାଇଁ ତ ଜିଦ୍ କରି ପିଲାବେଳେ ଆମେ ଭାଇଭଉଣୀ ତିନିଜଣ ବାବାବୋଉଙ୍କ ଠାରୁ ଅନେକ ଗାଳି ମାଡ଼ ଖାଇଛୁ । ବିଶେଷ କରି ମୋ ସାନଭଉଣୀ ମଲେଇ ଆସିଲା ମାନେ ତା'ର ଏକା ଜିଦ୍ ସେ ମଲେଇ ଖାଇବ ତେଣୁ ମଲେଇବାଲାକୁ ସେ ହିଁ ଆଗ ଡାକ ପକାଏ । ଆଜିର ଘଟଣା କିନ୍ତୁ ଭିନ୍ନ ପ୍ରକାର ଥିଲା । ଯେଉଁ ବୋଉ ଦିନେ ଆମ ତିନିଜଣଙ୍କୁ ମଲେଇ ଖାଇବାକୁ ବାରଣ କରି କହୁଥିଲା- "ଏସବୁ ମଲେଇ ପଚା କଦଳୀ, କମଳା, ଅଙ୍ଗୁର ଓ ନଡ଼ିଆ ଆଦି ସହ ଗାଡ଼ିଆ, ପୋଖରୀ ପାଣିରେ ତିଆରି ହେଉଛି'' । ସେ ପୁଣି ଆଜି ନିଜେ କହିଛି- ମଲେଇ ଆଣିବାକୁ । ଆଉ ନିଜେ ପୁଣି ଆମ ସହ ବସି ବଡ଼ ଆନନ୍ଦରେ ମଲେଇ ଖାଉଛି । ତେଣୁ ଆମେ ଦୁଇଭାଇ ବି ଅତ୍ୟନ୍ତ ଖୁସି । କାରଣ ଯେଉଁ ମଲେଇ ଖାଇବାକୁ ପିଲାଦିନେ ଅନେକ ବାରଣ ଥିଲା । ଆଉ ଆମର ବି ମଲେଇ ଖାଇବାକୁ ନାନା ବାହାନା ଥିଲା । କିନ୍ତୁ ଆଜି ଅନାୟାସରେ ସେ ମଲେଇ ଖାଇବାର ସୁଯୋଗ ବୋଉ ନିଜେ ଦେଇଛି । ନା' ଅଛି ବାରଣ- ନା' ଅଛି ବାହାନା । କିନ୍ତୁ ଭୟ ଏତିକି ଯେ, ବାବା ଆସିଗଲେ କାଳେ ମଲେଇ ଖାଉଥିବା ଦେଖି ଗାଳିଦେବୋ ତେଣୁ ବାବା ଆସିବା ପୂର୍ବରୁ ମଲେଇ ସାରିବାକୁ ପଡ଼ିବ । ଆଉ ସରିଯାଇଥିଲା ମଧ୍ୟ ଆମ ଦୁଇଭାଇଙ୍କର ମଲେଇ । କିନ୍ତୁ ବୋଉ ହାତରେ ଥିବା ମଲେଇର କିଛି ଅଂଶ ବାକି ଥିଲା । ହଠାତ୍ ବାବା ଘରକୁ ଚାଲିଆସିଲେ । ବାବାଙ୍କୁ ଦେଖି ବୋଉ ମଲେଇଟି ଫିଙ୍ଗିଦେଇ ଚୁପ୍ ହୋଇ ବସିଗଲା । ବାବା କିନ୍ତୁ କହିଲେ- ଆରେ ପିଲାମାନେ ଗାଁ ଶେଷ ମୁଣ୍ଡରେ ମୁଁ ମଲେଇବାଲାକୁ ଦେଖିଲି । ତାକୁ ଡାକିଲନି ସମସ୍ତେ ମିଶି ମଲେଇ ଖାଇଥାନ୍ତେ । ଆମମାନଙ୍କ କାନକୁ କଥାଟା ବିଶ୍ୱାସ ନହେଲେ ବି ସତ । ଏ କ'ଣ ! ବାବାଙ୍କର ବି ଆଜି ମଲେଇ ଖାଇବାକୁ ମନ ବଳିଛି । ମନେହେଲା ସତରେ କ'ଣ ଆଜି ଆମମାନଙ୍କ ପିଲାଦିନ ଫେରିଆସିଛି ? କିନ୍ତୁ ବାବା କହିଥିବା - 'ମଲେଇବାଲାକୁ ଡାକିଲନି' କଥାର ପ୍ରତ୍ୟୁତ୍ତର ନ ଦେଇ ଆମେମାନେ ଚୁପ୍ ରହିଲୁ । ବାପା କିନ୍ତୁ ଆମମାନଙ୍କ ପାଟି ଓ ଓଠକୁ ଦେଖି ଠିକ୍ ରୂପେ ଠଉରାଇ ପାରିଥିଲେ । ତେଣୁ ସେ ଆଉ କିଛି ନ କହି କେବଳ ମୁରୁକି ହସଟିଏ ଦେଇ ନିଜ କାମରେ ଚାଲିଗଲେ ।

# ପରୀକ୍ଷା: ସେବେ ଓ ଏବେ



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

'ଶିକ୍ଷକ' ପାଠ ପଢ଼ାଇ ସାରିଲା ପରେ ପରୀକ୍ଷା କରନ୍ତି କିନ୍ତୁ 'ସମୟ'ପରୀକ୍ଷା କରିବା ପରେ ଶିକ୍ଷା ଦେଇଥାଏ । ସେ ଯାହା ବି ହେଉନା କାହିଁକି ଜୀବନର ଯାତ୍ରା ପଥେ ପରୀକ୍ଷା ହିଁ ସତ୍ୟ । ପ୍ରତି ମୁହୂର୍ତ୍ତରେ ମଣିଷକୁ ପରୀକ୍ଷାର ସାମ୍ନା କରିବାକୁ ପଡ଼ିଥାଏ । ଆଉ ଏହି ପରୀକ୍ଷାର ଫଳ କେବେ ବିଫଳତା ଆଣିଥାଏ ତ କେବେ ସଫଳତାର ସ୍ୱାଦ ଚଖାଇଥାଏ । ବିଫଳତାରୁ ଆମେ ଅନେକ କିଛି ଶିଖିଥାଉ ଓ ସଫଳତା ଆମର ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରି ସମାଜକୁ ଶୃଙ୍ଖଳାର ବାର୍ତ୍ତା ଯୋଗାଇଥାଏ । ଏହି ପରୀକ୍ଷା ପ୍ରତ୍ୟେକ ମଣିଷ ପାଇଁ ନିତି କେତେ ନୂଆ ନୂଆ ରୂପ ନେଇ ଆସିଥାଏ । ହଁ ଆଜ୍ଞା, ଜୀବନରେ ଯଦି ପରୀକ୍ଷା ନ ଥାନ୍ତା, କୌଣସି ଚ୍ୟାଲେଞ୍ଜ ନ ଥାନ୍ତା, ପ୍ରତିଦ୍ୱନ୍ଦ୍ୱିତା ନ ଥାନ୍ତା, ତେବେ ଜୀବନ ଅତ୍ୟନ୍ତ ଚେତନା ବିହୀନ ହୋଇଥାନ୍ତା । ମଣିଷ ତାର ଜୀବନକାଳ ମଧ୍ୟରେ ଅନେକ ପରୀକ୍ଷାକୁ ସାମ୍ନା କରିଥିଲେ ମଧ୍ୟ ଜୀବନର ଆଦ୍ୟାବସ୍ଥାରେ ଅର୍ଥାତ୍ ଛାତ୍ର ଜୀବନରେ ପରୀକ୍ଷାର ଅନୁଭୂତି ନିଶ୍ଚିତ ଭାବେ ନିଆରା । ଛାତ୍ର ଜୀବନରେ ପରୀକ୍ଷା ଯେତିକି କଷ୍ଟଦାୟକ ଅନୁରୂପ ଭାବେ ପରୀକ୍ଷା ଫଳ ପ୍ରକାଶ ସମୟର ଟେନସନ୍ ମଧ୍ୟ ସେତିକି ଯନ୍ତ୍ରଣାଦାୟକ । ନିର୍ଦ୍ଧାରିତ ସମୟରେ ପାଠ୍ୟ ଖସଡ଼ାର ଅନ୍ତର୍ଭୁକ୍ତ ବିଷୟଗୁଡିକ ପଢ଼ି ୩ ଘଣ୍ଟାର ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷାରେ ଉତ୍ତର ଲେଖିବା ମଧ୍ୟ ଅନୁରୂପ ଭାବେ ବହୁତ କଷ୍ଟ । ପରୀକ୍ଷାର ଚାପରୁ କଳେବଳେ କୌଶଳେ ମୁକୁଳିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶର ମାନସିକ ଯନ୍ତ୍ରଣା ଏତେ ଦୁଃଖଦାୟକ ଯେ ଏହାକୁ କେହିକେହି ମଧ୍ୟ ସହ୍ୟ ନ କରିପାରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଘୃଣ୍ୟ ଅପରାଧର ପନ୍ଥା ଅବଲମ୍ବନ କରିଥାଆନ୍ତି । ପରୀକ୍ଷା ଅତୀତରେ ଥିଲା, ଏବେ ଅଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ । କିନ୍ତୁ ସମୟ ବଦଳିବା ସହ ବଦଳିଯାଇଛି ପରୀକ୍ଷାର ସଂଜ୍ଞା ଓ ସ୍ୱରୂପ । ଆମ ସମୟର ପରୀକ୍ଷା ବ୍ୟବସ୍ଥା ଏବଂ ଏ ସମୟର ପରୀକ୍ଷା ବ୍ୟବସ୍ଥା ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ମିଳୁଛି ।

ଗତ କିଛି ଦିନ ତଳେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ଦ୍ୱାରା ପରିଚାଳିତ ୨୦୨୪ ହାଇସ୍କୁଲ୍ ସାର୍ଟିଫିକେଟ(ମାଟ୍ରିକ୍)ର ରେଗୁଲାର,ଏକ୍ସ-ରେଗୁଲାର୍ ଓ ପତ୍ରବିନିମୟ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫଳ ପ୍ରକାଶ ପାଇଥିବା ଖବର ଜାଣି ହଠାତ୍ ମୋର ମନେ ପଡିଗଲା ଆମ ସମୟର ମାଟ୍ରିକ୍ ପରୀକ୍ଷା ଦେଉଥିବାର କଥା । କିଛି ସମୟର ନିରବତା ମଧ୍ୟରେ ଅଜାଣତରେ ଚକ୍ଷୁଦ୍ୱୟ ମୋର ଲୋତକପୂର୍ଣ୍ଣ ହୋଇ ଉଠିଲା । ପରୀକ୍ଷା ! ପୁଣି ମାଟ୍ରିକ୍ ପରୀକ୍ଷା ! କାହିଁକି କେଜାଣି ସତେ ଯେମିତି ଦୀର୍ଘ ଦିନର ସେ ସ୍ମୃତି ମୋର ସତେଜ ହୋଇ ଉଠିଲା । ଅନୁଭବ କଲି ଆମ ସମୟର ମାଟ୍ରିକ୍ ପରୀକ୍ଷା ଏବଂ ଫଳ ପ୍ରକାଶ ସମୟର ଦୃଶ୍ୟକୁ । ସବୁ କିଛି ସେମିତି ସତେଜ ଥିଲା । ଆମ ସମୟର ସବୁଠାରୁ ବଡ଼ ଆଉ କଷ୍ଟ ପରୀକ୍ଷା କହିଲେ ମାଟ୍ରିକ ପରୀକ୍ଷାକୁ ବୁଝାଯାଏ । ନବମ ଶ୍ରେଣୀର ପରୀକ୍ଷା ସରିଲା ପରେ ଆମ୍ଭ ପୂର୍ବ ବର୍ଷର ପିଲାଙ୍କଠାରୁ ଦଶମ ଶ୍ରେଣୀ ବହି ଆଣି ତନ୍ମଧ୍ୟରୁ ପୁରୁଣା ମଲାଟକୁ ହଟେଇଦେଇ ନୂତନ ଭାବେ ମଲାଟ ମଡେଇଦେଲେ ଅନୁଭବ ହେଉଥିଲା ଯେ ବର୍ଷକଯାକର ଏକ ବଡ଼ କାମ ସମ୍ପାପ୍ତ ହେଲା । ନବମ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ୍ ପ୍ରମୋସନ୍ ହେଇ ଆମେ ଦଶମ ଶ୍ରେଣୀରେ ପାଦ ଥାପିଲା ବେଳକୁ ଆରମ୍ଭ ହୋଇଯାଇଥାଏ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଟେନସନ୍ । ବର୍ଷ ଆରମ୍ଭରୁ ବର୍ଷକଯାକର ଯୋଜନା । ଶିକ୍ଷକମାନଙ୍କର କଡା ତାଗିଦ୍: 'ଏ ବର୍ଷ ବୋର୍ଡ ପରୀକ୍ଷା' ତେଣୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖ । ସଠିକ୍ ସମୟରେ ପାଠ୍ୟ ଖସଡ଼ା ଅନ୍ତର୍ଗତ ସମସ୍ତ ବିଷୟ ସମାପ୍ତ କରି ରିଭିଜନ କରିବା ପାଇଁ ଶିକ୍ଷକମାନେ ନିଜ ନିଜର ବିଷୟ ପାଇଁ ସମ୍ପୂର୍ଣ୍ଣ ଯୋଜନା କରି ବର୍ଷ ଆରମ୍ଭରୁ ବେଶ୍ ତତ୍ପର ଥାଆନ୍ତି । ଚଳଚଞ୍ଚଳ ଲାଗେ ଶ୍ରେଣୀ ଗୃହ । ନିଜ ନିଜର କାର୍ଯ୍ୟରେ ଲାଗି ପଡନ୍ତି ଶିକ୍ଷକମାନେ । ପ୍ରତିଦିନ ପ୍ରଧାନ ଶିକ୍ଷକ ଆମର ଭଲ ମନ୍ଦ ବୁଝିଥାନ୍ତି । କ୍ଲାସ୍ କେବେ ଆମ୍ଭର ଫାଙ୍କା ପଡେନି । ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନକୁ କଡାକଡି ଭାବେ ଯାଞ୍ଚ୍ କରନ୍ତି ପ୍ରଧାନ ଶିକ୍ଷକ । କୌଣସି ପିଲା ଅନୁପସ୍ଥିତ ରହିଲେ ତାଙ୍କର ଘରେ ଯାଇ ଅଭିଭାବକମାନଙ୍କ ସହ ଯୋଗାଯୋଗ କରିଥାନ୍ତି । ମୋଟାମୋଟି ଭାବେ କହିଲେ ବିଦ୍ୟାଳୟର ଭାର ଅପେକ୍ଷା ଆମ ଦଶମ ଶ୍ରେଣୀ ପିଲାମାନଙ୍କର ସମ୍ପୂର୍ଣ୍ଣ ଭାର ସେ ବହନ କରିଥାନ୍ତି ।

ପ୍ରତିଯୋଗିତାମୂଳକ ମନୋଭାବ ରଖି ବିଦ୍ୟାଳୟର ଶିକ୍ଷକମାନେ ଲାଗି ପଡିଥାନ୍ତି ଆମକୁ ପାଠ ପଢ଼ାଇବା ଲାଗି । କେମିତି ଆମ୍ଭେମାନେ ପାଠ ପଢ଼ି ଭଲ ମାର୍କ ରଖିଲେ ଆମ୍ଭ ଅନୁଷ୍ଠାନର ନାଁ ରହିବ । ଦଣ୍ଡେ ହେଲେ ନିଃଶ୍ୱାସ ମାରିବାକୁ ବେଳ ନଥାଏ । ରବିବାର ମଧ୍ୟ ପାଠପଢା ଚାଲିଥାଏ । ପାଠପଢା ଏବଂ ପରୀକ୍ଷା ବ୍ୟତୀତ ଦଶମ ଶ୍ରେଣୀ ପିଲାଙ୍କର ବିଜ୍ଞାନ ମେଳା, ବାର୍ଷିକ ଉତ୍ସବ, ବଣଭୋଜି, ଷ୍ଟଡିଟୁର୍ କେଉଁଥିରେ ଏକ ପ୍ରକାର ଭାଗ ନଥାଏ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭୋରୁ ଉଠି ପାଠ ପଢ଼ିବା, ପୂର୍ବ ବର୍ଷର ପ୍ରଶ୍ନପତ୍ରକୁ ବାରମ୍ବାର ଅଭ୍ୟାସ କରିବା, ଟେଷ୍ଟ ପେପରରୁ ସମ୍ଭାବ୍ୟ ପ୍ରଶ୍ନଗୁଡ଼ିକର ଉତ୍ତର ଅଭ୍ୟାସ କରିବା ଆମର ନିତିଦିନିଆ କାର୍ଯ୍ୟ ଥିଲା । ଶିକ୍ଷକମାନେ ଉତ୍ସାହର ସହ ଆମ୍ଭମାନଙ୍କୁ ପାଠ ପଢ଼ାଉଥିଲେ । ଆମ୍ଭେମାନେ ମନଦେଇ ପାଠ ପଢୁଥିଲୁ । ପଢ଼ିବା ଏବଂ ପଢେଇବାକୁ ବାଦ୍ ଦେଇ ଆଉ କୌଣସି କାର୍ଯ୍ୟ ଆମ୍ଭ ସ୍କୁଲରେ ହେଉଥିଲା କାହିଁ ତାହା ମନେ ପଡୁନାହିଁ । ବୋର୍ଡ ପରୀକ୍ଷା ପୂର୍ବରୁ ମାସିକ, ତ୍ରୟମାସିକ, ଷଡବାର୍ଷିକ, ପ୍ରି-ଟେଷ୍ଟ ଓ ଟେଷ୍ଟ ପରୀକ୍ଷାର ଚାପରେ ମଣିଷ ପୁରା ଚାପା ହେଇଯାଉଥିଲା । ଇଏତ ଗଲା ବିଦ୍ୟାଳୟର କଥା । ବିଦ୍ୟାଳୟର ବାହାର ଦୁନିଆରେ ବାପା, ମାଆ ଅଭିଭାବକ, ସମ୍ପର୍କୀୟ, ସାଙ୍ଗସାଥି ସମସ୍ତଙ୍କର ନଜର ଥାଏ ମାଟ୍ରିକ ପରୀକ୍ଷା ଉପରେ । ବାହାରେ ବୁଲିଲେ ସେମାନେ ଆମକୁ ତାଗିଦ୍ କରନ୍ତି । ଛକ, ବଜାର, ପୋଖରୀ ତୁଠ, ଗାଁ ଦାଣ୍ଡରେ ସବୁଠି ଆମ ପରୀକ୍ଷାକୁ ନେଇ ସେମାନେ ଅନେକ ଚର୍ଚ୍ଚା ଆଲୋଚନା କରନ୍ତି । ମଝିରେ ମଝିରେ ମାମୁଁ, ଅଜା, ପିଉସା କିମ୍ବା ଅନ୍ୟ କୌଣସି ସମ୍ପର୍କୀୟମାନେ ଆସି ପରୀକ୍ଷା ନିମନ୍ତେ ଅନେକ ହିତୋପଦେଶ ଦେଇଥାନ୍ତି । ଭଲ ମାର୍କ ରଖିବା ପାଇଁ ଆମ୍ଭକୁ ଅନେକ ଉପହାରର ପ୍ରଲୋଭନ ଦେଖେଇଥାନ୍ତି । କିଏ କୁହେ ତୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ତତେ ମୁଁ ସାଇକେଲ ଟିଏ ଦେବି ତ କିଏ କୁହେ ତୁ ଭଲ ମାର୍କ ରଖିଲେ ତତେ ଗୋଟେ ହାତ ଘଡି ଉପହାର ଦେବି ଆଦି ଅନେକ ମନଲୋଭା ଉପହାରରେ ଆମ୍ଭେ ଛନ୍ଦି ହୋଇଯାଉ । ଉପହାର ପାଇବା ଆଶାରେ ଆମ୍ଭେ ମଧ୍ୟ ପ୍ରତିଶୃତି ଦେଇଥାଉ ଯେ ନିଶ୍ଚିତ ସେମାନଙ୍କର ଆଶା ପୂରଣ କରିବୁ । ମନେ ହୁଏ ଏହା ଯେମିତି ମାଟ୍ରିକ ପରୀକ୍ଷା ନୁହେଁ ତ ଜୀବନର ସବୁଠାରୁ କଠିନତମ କାର୍ଯ୍ୟ । ଆମ୍ଭମାନଙ୍କର ଭବିଷ୍ୟତକୁ ନେଇ ସେମାନଙ୍କର ମନରେ ଅନେକ ସ୍ୱପ୍ନ ଓ ସମ୍ଭାବନା ଜାଗ୍ରତ ହେଉଥାଏ । ଆମ୍ଭେମାନେ ମଧ୍ୟ ସେମାନଙ୍କର ଲକ୍ଷ୍ୟକୁ ହାସଲ କରିବା ପାଇଁ ଲାଗି ପଡ଼ିଥାଉ । ଦିନରାତି ଏକ କରି ଅକ୍ଲାନ୍ତ ପରିଶ୍ରମ କରିଥାଉ । ମଝିରେ ମଝିରେ ମନରେ ଉତ୍ସାହ ଭରିବା ପାଇଁ ବାପା ମଧ୍ୟ ତାଙ୍କ ସମୟର ମାଟ୍ରିକ ପରୀକ୍ଷା ଦେବା ସମୟର ଅଭିଜ୍ଞତା ବାଣ୍ଟିଥାଆନ୍ତି । ଏ ସବୁ ଭିତରେ ପରୀକ୍ଷାର ଦିନ ନିକଟ ହୋଇଆସୁଥାଏ । ଦିନ ଯେତେ ପାଖେଇ ପାଖେଇ ଆସୁଥାଏ ମନରେ ସେତିକି ଭୟ ସୃଷ୍ଟି ହେଉଥାଏ । ଘରଠାରୁ ୫୦ କିଲୋମିଟର ଦୂରରେ ପରୀକ୍ଷା କେନ୍ଦ୍ର ସ୍ଥିରିକୃତ ହୋଇଥାଏ । ସ୍କୁଲ ତରଫରୁ ସମସ୍ତଙ୍କ ପାଇଁ ବସ୍‌ର ସୁବିଧା କରାଯାଇଥାଏ । ଦୀର୍ଘ ୧୦ ଦିନ ଲାଗି ନିଜର ଜନ୍ମସ୍ଥାନ ଛାଡି ପ୍ରଥମ ଥର ଲାଗି ବାହାରକୁ ଯାଇଥିଲୁ । ମନରେ ଯେତିକି ଉତ୍କଣ୍ଠା ଥିଲା ସେତିକି ଭୟ ମଧ୍ୟ ଲାଗୁଥିଲା । ପରୀକ୍ଷାର ଟେନସନ୍ ସାଙ୍ଗକୁ ନିଜର ଲୋକଙ୍କୁ ଛାଡ଼ିକି ଯିବାର ଯେଉଁ କଷ୍ଟ ତାହା ବାସ୍ତବିକ୍ ଅବର୍ଣ୍ଣନୀୟ । ପରୀକ୍ଷାର ଦୁଇ ଦିନ ପୂର୍ବରୁ ଯେତେବେଳେ ଆମେ ଗାଁ ଛାଡିଲୁ ସେତେବେଳେ ଗାଁର ଅଧିକାଂଶ ଲୋକଙ୍କ ଆଖିରେ ଲୁହ । କେମିତି ଯିବେ? କେମିତି ସେଠି ପରୀକ୍ଷା ଦେବେ ? କେମିତି ପ୍ରଶ୍ନ ଆସିବ? କେବେ ଫେରିବେ? ଆଦି ଅନେକ ପ୍ରଶ୍ନ ତାଙ୍କମାନଙ୍କ ମନକୁ ଘାରିଥାଏ । ସେମାନେ ଲୋତକପୂର୍ଣ୍ଣ ଚକ୍ଷୁରେ ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ, ଦୀପ ଆଦିରେ ବନ୍ଦାପନା କରି ଦହି ଖୁଆଇ ନିଜ ନିଜ ଦାଣ୍ଡ ଦୁଆରୁ ନିଜ ପିଲାଙ୍କର ଶୁଭମନାସି ବିଦାୟ ଦେଇଥାନ୍ତି । କିଏ ଗ୍ରାମ ଦେବୀଙ୍କ ସିନ୍ଦୂର ଆଣି ଆମ୍ଭ ମୁଣ୍ଡରେ ବୋଲି ଦେଉଥିଲା ତ କିଏ ଅନୁକୂଳ ହୋଇଥିବା ନୂଆ ପେନ୍‌କୁ ଆଣି ପକେଟରେ ଖୋସି ଦେଉଥିଲା । କିଏ ହାତରେ ପାଞ୍ଚ ଟଙ୍କା ଗୁଞ୍ଜି ଦେଉଥିଲା ତ କିଏ ଠାକୁରଙ୍କ ଫୁଲ ଆଣି ଆମ କାନରେ ଖୋସି ଦେଉଥିଲା । କିଏ କେତେ କଣ ଠାକୁରଙ୍କୁ ଯାଚି ଦେଉଥିଲା ଆମର ମଙ୍ଗଳ ଲାଗି । ତା ମଧ୍ୟରେ ବାପାଙ୍କର କଡା ତାଗିଦ୍ 'ପରୀକ୍ଷାକୁ ଦୁଇଟା ପେନ୍ ନେବୁ, ସ୍କ୍ୱାଡ ଆସିବେ କପି ନେବୁନି, କାହାଠାରୁ କିଛି ପଚାରିବୁ ନାହିଁ, ସବୁ ପ୍ରଶ୍ନର ଉତ୍ତର ଦେବୁ, ସ୍ଥିର ମନ ଚିତ୍ତରେ ବସିବୁ, ଅଧୈର୍ଯ୍ୟ ହେବୁନି, ପରୀକ୍ଷାର ଅଧଘଣ୍ଟା ଆଗରୁ ହଲ୍ ମଧ୍ୟରେ ପ୍ରବେଶ କରିବୁ ଇତ୍ୟାଦି,ଇତ୍ୟାଦି .... । ଗାଁ ଦାଣ୍ଡରେ ଚାଲି ଚାଲି ସେତେବେଳେ ଆମ୍ଭେ ଗୁରୁଜନମାନଙ୍କୁ ପ୍ରଣାମ କରି ବିଦାୟ ନେଉଥିଲୁ । ସମସ୍ତଙ୍କ କୋହଭରା ହୃଦୟ ଦେଖି ମନେ ହେଉଥିଲା ପରୀକ୍ଷା ନ ଦେବା ପାଇଁ । ପରୀକ୍ଷାର ଗୁରୁତ୍ୱ ଅପେକ୍ଷା ଆତ୍ମୀୟ ମାନଙ୍କର ଭଲ ପାଇବା ବେଶୀ ଅନୁଭବ ହେଉଥିଲା । ସତେ ଯେମିତି ମନେ ହେଉଥିଲା ଯେମିତି ଗାଁର କନିଆ ଚିର ଦିନ ପାଇଁ ବାପଘର ଛାଡ଼ି ତାର ଶାଶୁଘର ଅଭିମୁଖେ ଆମ ଗହଣରୁ ବିଦାୟ ନେଇ ଯାଉଛି ! ଗାଁ ସାରା ଶୋକାକୁଳ ପରିବେଶ । ଠିକ୍ ଏହି ସମୟରେ ପ୍ରଧାନଶିକ୍ଷକଙ୍କ ଏକ ରଡିରେ ସାଙ୍ଗମାନେ ଗାଡ଼ିରେ ବସି ପରୀକ୍ଷା କେନ୍ଦ୍ର ନିକଟରେ ଥିବା ଆମର ମେସ୍ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଯାହା ହେଉ ଭଲରେ ଭଲରେ ଭଗବାନଙ୍କ ଆଶୀର୍ବାଦରୁ ପରୀକ୍ଷା ଦେଇ ଫେରିଲୁ । କିଛି ବୋଝ ହାଲକା ହୋଇଗଲା ଭଳି ମନେ ହେଉଥିବାବେଳେ କେତେବେଳେ ପାଖେଇ ଆସିଲା ପରୀକ୍ଷା ଫଳ ପ୍ରକାଶ ହେବାର ଦିନ ଜଣା ପଡିଲା ନାହିଁ । ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ପରୀକ୍ଷା ଫଳ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇଥିଲା । ସେ ସମୟରେ ନା ଥିଲା ଇଣ୍ଟରନେଟ ନା ଥିଲା ଟେଲିଭିଜନ । ପରୀକ୍ଷାଫଳ ଏକ ପୁସ୍ତକ ମାଧ୍ୟମରେ ପ୍ରକାଶିତ ହେଉଥିଲା । ବିଳମ୍ବରେ ହେଉପଛେ ଆମ୍ଭେମାନେ ନିଜ ନିଜର ପରୀକ୍ଷା ଫଳ ଦେଖିଥିଲୁ । ସେ ସମୟର ପରୀକ୍ଷା ପଦ୍ଧତି ଓ ମୂଲ୍ୟାୟନ ଏତେ ଜଟିଳ ଥିଲା ଯେ ସମଗ୍ର ଓଡ଼ିଶାରେ ପାଖାପାଖି ୫୦ ପ୍ରତିଶତ ପିଲା କୃତକାର୍ଯ୍ୟ ହୋଇଥିଲେ । ଏବେ ଆଉ ସେ ସମୟ ନାହିଁ । ସମୟ ବଦଳିଯିବା ସହ ବଦଳିଯାଇଛି ଅନେକ କିଛି । ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ଆସିଛି । ପରୀକ୍ଷା ପଦ୍ଧତି ବଦଳିଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ପାଠ୍ୟ ଖସଡ଼ାକୁ ସରଳୀକରଣ କରାଯାଇଛି । କ୍ଲାସ୍ ସଂଖ୍ୟାରେ ମାତ୍ରାଧିକ ବୃଦ୍ଧି ଘଟିଛି । ଶିକ୍ଷକ ଶିକ୍ଷାର୍ଥୀ ଅନୁପାତ ମଧ୍ୟ ବଦଳିଯାଇଛି । କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ହେଉଛି । ପରୀକ୍ଷାରେ ଖାତା ପୂରଣ କଲେ ପାସ୍ କରିବାରେ କିଛି ଅସୁବିଧା ନାହିଁ । ପାସ୍ ହାର ମଧ୍ୟ ଆଶାତୀତ ବୃଦ୍ଧି ପାଇଛି । ଆଉ ଆଗ ଭଳି ଗାଁ ଛାଡ଼ି ଅନେକ ଦୂରକୁ ପରୀକ୍ଷା ଦେବାକୁ ଯିବାକୁ ପଡୁନି ଛାତ୍ରଛାତ୍ରୀମାନଙ୍କୁ । ନିଜନିଜ ସ୍କୁଲରେ ସେମାନେ ପରୀକ୍ଷା ଦେବାରୁ ପରୀକ୍ଷାର ଯେଉଁ ଭୟ ସେଇଟା ଆଉ ପିଲାମାନଙ୍କ ମନରେ ରହୁନାହିଁ । ଜଣାପଡୁନି କେତେବେଳେ ପରୀକ୍ଷା ହେଉଛି ଆଉ ଫଳ ପ୍ରକାଶ ପାଉଛି । ଆଉ ଆଗଭଳି ମାଟ୍ରିକ ପରୀକ୍ଷାକୁ ନେଇ ଲୋକଙ୍କ ମନରେ ସେତେଟା ଆନ୍ତରିକତା ଆସୁନାହିଁ । ବିଗତ ଦିନର ମାଟ୍ରିକ ପରୀକ୍ଷା ପାସ୍ ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶାରେ ପାସ୍ ହାର ୨୦୦୭ ମସିହାରେ ୫୯.୦୯ ପ୍ରତିଶତ,୨୦୦୮ ମସିହାରେ ୫୩.୧୪ ପ୍ରତିଶତ, ୨୦୦୯ ମସିହାରେ ୬୩.୪୧ ପ୍ରତିଶତ,୨୦୧୦ ମସିହାରେ ୭୧.୭୪ ପ୍ରତିଶତ,୨୦୧୧ ମସିହାରେ ୬୬.୭୫ ପ୍ରତିଶତ, ୨୦୧୨ ମସିହାରେ ୭୦.୮୦ ପ୍ରତିଶତ,୨୦୧୩ ମସିହାରେ ୭୫.୯୯ ପ୍ରତିଶତ ,୨୦୧୪ ମସିହାରେ ୭୮.୯୫ ପ୍ରତିଶତ,୨୦୧୫ ମସିହାରେ ୮୦.୯୩ ପ୍ରତିଶତ,୨୦୧୬ ମସିହାରେ ୮୩.୭୨ ପ୍ରତିଶତ,୨୦୧୭ ମସିହାରେ ୮୫.୨୮ପ୍ରତିଶତ,୨୦୧୮ ମସିହାରେ ୭୬.୨୩ ପ୍ରତିଶତ,୨୦୧୯ ମସିହାରେ ୭୦.୭୮ ପ୍ରତିଶତ,୨୦୨୦ ମସିହାରେ ସାରା ବିଶ୍ୱ ମହାମାରୀ କୋରୋନା କବଳରେ ଜର୍ଜରିତ ହେଉଥିବାବେଳେ ପାସ ହାର ୭୮.୭୬ ପ୍ରତିଶତ ,୨୦୨୧ ମସିହାରେ ୯୭.୯୩ ପ୍ରତିଶତ ,୨୦୨୨ ମସିହାରେ ୯୦.୫୫ ପ୍ରତିଶତ,୨୦୨୩ ମସିହାରେ ୯୬.୧୯ ପ୍ରତିଶତ ଏବଂ ,୨୦୨୪ ମସିହାରେ ୯୬.୦୭ ପ୍ରତିଶତ ହୋଇଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ୨୦୩୦ ମସିହା ବେଳକୁ ଏକ ସମୟ ଆସିବ ଯେତେବେଳେ ପିଲା ଆଉ କେହି ଫେଲ୍ ହେଉନଥିବେ । ଏତେ ସଂଖ୍ୟକ ପିଲା ପାସ୍ କରିବାର ରହସ୍ୟ କଣ ବା ହୋଇପାରେ ? ୩୦ ବର୍ଷ ପୂର୍ବେ ପାସହାର ୩୦ ପ୍ରତିଶତ ଥିଲା କିନ୍ତୁ କେହି ବେକାର ନଥିଲେ । ଏବେ ଲକ୍ଷ ଲକ୍ଷ ପିଲା ପାସ୍ କରୁଛନ୍ତି କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ । ଆଇ.ଆଇ.ଟି, ଆଇ.ଆଇ.ଏମ୍ ଭଳି ଭାରତର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ଡକ୍ଟରେଟ୍ ଉପାଧି ଲାଭ କରି ମଧ୍ୟ ଅନେକ ମେଧାବୀ ଏବେ ବେକାର ଅଛନ୍ତି । ଏତେ ସଂଖ୍ୟକ ପିଲା ପାସ୍ କରୁଛନ୍ତି ସତ କିନ୍ତୁ ସାଧାରଣ ଦରଖାସ୍ତଟିଏ ଲେଖିବା ପାଇଁ ମଧ୍ୟ ସେମାନେ ସମର୍ଥ ହେଉନାହାନ୍ତି । ଏହା ହିଁ ଏ ସମୟର ବିଚିତ୍ରତା । ସେତେବେଳେ ଦଶମ ପାସ୍ କରୁଥିଲେ ଚାକିରି ଖଣ୍ଡେ ମିଳୁଥିଲା କିନ୍ତୁ ଏବେ ଶିକ୍ଷିତ ଥିଲେ ମଧ୍ୟ ଉପଯୁକ୍ତ ଯୋଗ୍ୟତା ଅଭାବରୁ ଅଧିକାଂଶ ବେକାର । ଏହା ଆମ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ନୁହେଁ ତ? ସରକାର ବୋଧହୁଏ ଗୁଣାତ୍ମକ ପରିବର୍ତ୍ତେ ପରିମାଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏତାଦୃଶ ଅବସ୍ଥା ଦେଖି ମୋର ସ୍ୱର୍ଗବାସୀ ବାପାଙ୍କ କଥା ମନେ ପଡେ ଯେବେ ସେ ସମୟରେ ସେ ପରୀକ୍ଷା ଦେଉଥିଲେ ସେତେବେଳେ ହାତ ଗଣତି କେତେଟା ପିଲା ପାସ୍ କରୁଥିଲେ । ଯେଉଁ କେତେଜଣ ପାସ୍ କରୁଥିଲେ ତାଙ୍କୁ କାନ୍ଧରେ କିମ୍ବା ଶଗଡ଼ରେ ବସାଇ ଫୁଲମାଳ ପିନ୍ଧାଇ ଏ ଗାଁରୁ ସେ ଗାଁକୁ ବୁଲାଉଥିଲେ । ଆଖ ପାଖ ପାଞ୍ଚଖଣ୍ଡ ଗାଁରୁ ଲୋକଙ୍କର ସୁଅ ଛୁଟୁଥିଲା ଦେଖିବା ପାଇଁ କିଏ ସେ ମେଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛି । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଏତେ ସବୁ ସୁବିଧା ତଥା ସରକାରଙ୍କର କୋହଳ ମନୋଭାବ ସତ୍ତ୍ୱେ ମଧ୍ୟ ଅନେକ ପିଲା କୃତକାର୍ଯ୍ୟ ହୋଇପାରୁନାହାନ୍ତି । ପରିସ୍ଥିତିକୁ ଲକ୍ଷ୍ୟକଲେ ଏହା ସ୍ପଷ୍ଟ ଅନୁମେୟ ଯେ ଏକଦା ଏକ ସମୟ ଆସିବ ଯେ କେହି 'ପରୀକ୍ଷା' ନାମକୁ ଶବ୍ଦକୁ ଡରିବେ ନାହିଁ । କାହିଁକି ନା କେହି ଫେଲ୍ ହେବେ ନାହିଁ । ଯଦି କେହି ଫେଲ୍ ହୁଅନ୍ତି ତେବେ ତାଙ୍କୁ ଦେଖିବା ପାଇଁ ମଧ୍ୟ ଲମ୍ବା ଲାଇନ୍ ଲାଗିବ ଯେ ଏତେ ସବୁ ପରେ ମଧ୍ୟ କିଏ ସେ ପିଲା ଯିଏ ଫେଲ୍ ହେଉଛି । ଏହା ହିଁ ଏବେର ଓ ସେବର ପରୀକ୍ଷା ବ୍ୟବସ୍ଥା ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**



ପ୍ରଭାତ କୁମାର ମହାପାତ୍ର



## ସାବିତ୍ରୀ ବ୍ରତ

ହଇଲୋ ବୋଉ, ତୁ ତ ମୋତେ ଅନେକ କଥା କହିଛୁ, ମୁଁ ସବୁ ଶୁଣିଛି, ସବୁ ମାନିଛି, ନ ହେଲେ ବହୁତ ତାଗିଦ କରିଛୁ । ତୋତେ ମୁଁ କେବେ କିଛି କହି ନାହିଁ ତୁ ଆଗରୁ କହିଛୁ, ଯାହା କହିବୁ ମୋତେ କହିବୁ । ତୁ କଣ ମୋ କଥା ମାନିବୁ ତୁ କଣ ମୋ କଥା ଶୁଣିବୁ, ତୁ ଶୁଣୁ ବା ନ ଶୁଣୁ, ମୁଁ କହି ଦେଉଛି, ଦୁଇ ଦିନ ହେଲାଣି ତୁ ବାପାଙ୍କୁ ଖାଲି ଗର ଗର ହେଉଛୁ । ବାପାଙ୍କ ମୁହଁଟା ଗମ୍ଭୀର ଦେଖାଯାଉଛି । ସତେ କି କଣ ଗୋଟାଏ ବଡ ଭୁଲ୍ କରି ଦେଇଛନ୍ତି । ତାଙ୍କ ମନରେ କେତେ ଦୁଃଖ, କେତେ କଷ୍ଟ, ବାପାଙ୍କୁ ଆସ୍ତେ ଧିର ସ୍ଥିର ଭାବେ ଦୁଃଖ ବିଷୟରେ ପଚାରିଲି, ହେଲେ ଉତ୍ତର କିଛି ପାଇଲି ନାହିଁ । କିନ୍ତୁ କାରଣଟା ମୋ ମନ ଭିତରେ ଥାଏ । ଘର କୋଣରୁ ବାପାଙ୍କ ପକେଟ ଅଣ୍ଡାଳୁ ଅଣ୍ଡାଳୁ ଦେଖିଲି, ଗିଜିରା ମିଜିରାରେ ଲେଖା ହୋଇଛି ଏକ ଲମ୍ବା ଚିଠି । ସତେକି ଗୋଟିଏ ଭୋଜି ଭାତ କିମ୍ବା ବିବାହ ଉତ୍ସବର ତାଲିକା । କେତେ ପଢିଲି ଆଉ କେତେ ପଢ଼ି ମଧ ନା ଗୁଡାକ ଭଲ ଭାବେ ଜାଣିପାରିଲିନାହିଁ । ଧୂପ, ଦୀପ, କର୍ପୁର, ଚନ୍ଦନ, ଫୁଲ, ବରକୋଳିପତ୍ର, ବେଲପତ୍ର, ଶାଳକାଠ, ଝୁଣା, ନଡ଼ିଆ, ସେଓ, ଅଙ୍ଗୁର, ଖଜୁରୀ କୋଳି, ଆମ୍ବ, ପଣସ, ତାଳ, ନୂଆଲୁଗା, ନୂଆ ସାବୁନ, ବାସନା ତେଲ ଆହୁରି କେତେ କଣ, ତଳ ତଳ ଲେଖା ଗୁଡାକ ଚିରି ଚିରି ଯାଇଥାଏ । ତାପରେ ବାପାଙ୍କୁ ପଚାରିଲି, ଏଗୁଡ଼ିକ କ'ଣ ? ସେ କହିଲେ, ସେଇଥି ପାଇଁ ଦୁଃଖି । ସହରରେ ମୋର ଛୋଟ ଚାକିରିଟିଏ, ତିନି ମାସ ହେଲା, ଦରମା ନାହିଁ । ବଜାରକୁ କାଲି ଯାଇଥିଲି, ଦୋକାନୀ ଭାଇ ସଫା ସଫା କହିଲା, ସାବିତ୍ରୀ ଅମାବାସ୍ୟାରେ ବାକି ନାହିଁ । ଦର ଦାମ୍‌ରେ କିଛି କମ୍ ବେଶୀ ନାହିଁ । ଇଚ୍ଛା ହେଲେ ନିଅ, ନ ହେଲେ ନାହିଁ କଣ କରିଥାନ୍ତି ଆଉ । ପଡିଶା ଘରେ ମିଛ କହି ଶହେ ଟଙ୍କା ଧାର ଆଣିଛି । ସମସ୍ତ ସାହି ପଡିଶା ସବୁ ପୂଜା ପୁଜା ସାମଗ୍ରୀ ଧରି ଆସି ସାରିଲେଣି । ରାତି ପାହୁ ପାହୁ କୁକୁଡ଼ା ଡାକ ଦେବ, ତାପରେ ସାହି ପଡିଶାଙ୍କ ଆଗରେ ଠିଆ ଠିଆରେ କେତେ କଣ କହିବ ତୋ ବୋଉ । ଆଉ ତୋ ବୋଉକୁ ସମର୍ଥନ କରିବେ ଅନ୍ୟମାନେ । ଖାଲି ସେତିକି ନୁହେଁ, ସହର ବଜାରରେ ତାଳ ଗଛ ନାହିଁ, ବେଲପତ୍ର ମିଳୁନାହିଁ । ଖଜୁରୀ ଗଛ ତ ଦେଖାଯାଉନି । ଯାହାହେଉ ମରୁ ଭୂମିରେ ମନ୍ତ୍ର ସ୍ନାନ ଭଳି କିଛି ଯୋଗାଡ କରିଛି । ବୋଦା ବଳୀ ପଡ଼ିଲା ଭଳି ଆୟୋଜନ । ଆଉ କଣ କରିଥାଆନ୍ତି କହିଲୁ ଝିଅ । ଉତ୍ସବଟା ଦେଖିବାକୁ ମୋର ଭାରି ଆନନ୍ଦ । ପରଦିନ ସକାଳୁ ସକାଳୁ ବୋଉ ଗାଧୋଇ ପାଧୋଇ କଳା କଜଳ ଲଗାଇ ହେଲା, ଘରକୁ ଲିପା ପୋଛା କରି, କୋଉଠି କଣ ରଖା ରଖି କରି ସଜାଇ ଦେଲା, ସବୁ ଦିନ ଠାରୁ ବୋଉ ଆଜି ପୁରା ପୁରି ଅଲଗା । ଫାଟୁଆ ଗୋଡରେ ମୋଟା ଅଳତା, ମୁଣ୍ଡରେ ଟର୍କିକିଆ ସିନ୍ଦୂର ଟୋପା, ଅଣ୍ଟାରେ କେତେ କୁଞ୍ଚ, ହାତରେ ହାତେ କାଚ, ମୁଣ୍ଡରେ ଲମ୍ବା ଓଢଣା, ଜଡ଼ା ତେଲରେ ଦୀପଟି ନିଆଁ ଲାଗିଲା ଭଳି ଜଳୁ ଥାଏ । ଝରକା ନଥିବା ଘରଟି ଧୂଆଁରେ ଭରି ଗଲାଣି । କୋଉ ଅମଳରୁ ଥିବା ଅଲନ୍ଧୁ ପେଡ଼ି ଭିତରୁ ଚିରା ମଲାଟର ବହିଟିଏ ଆଣି ନିଜେ ନିଜେ ଗୀତ ଗାଇଲା । କେତେ କଣ ଧନ୍ଦି ହେଉଥାଏ । ନୂଆ ନୂଆ ସବୁ ସିନା ଦେଖିବାକୁ ଭଲ ଲାଗୁଥାଏ, କିନ୍ତୁ ମୋର ଆଉ ଧୈର୍ଯ୍ୟ ନଥାଏ । ବାପା ବାରି ବାରଣ୍ଡାରେ ଖାଲି ପେଟରେ ଘୁଙ୍ଗୁଡ଼ି ମାରୁଥାନ୍ତି । ବୋଉ କହିଲା, ପୂଜା ସରିଲା, ଏଥର ବାପାଙ୍କୁ ଡାକିବୁ ଯା । ବାପାଙ୍କୁ ଧିର ସ୍ୱରରେ ଡାକିଲି, ବାପା ! ବାପା ! ଦୁଇ ତିନି ପଦ ଡାକିବା ପରେ, ବାପା ଆଖି ମକଚି ମକଚି କହିଲେ, ମୁଁ ଉଠି ପାରୁନି, ଆଉ ଟିକିଏ ଯାଉ । ଯେମିତି ବୋଉ ବାପାଙ୍କ କଥା ଶୁଣି ଦେଇଛି ମୋତେ ତାଗିଦ କରି କହିଲା, ଅଲେଖେଣିଆଟା କିଛି ଭଲ ମନ୍ଦ ଜାଣିନି, ଡାକୁ ଡାକୁ ନାହିଁ କଲାଣି, ଯା, ଡାକିବୁ, କହିବୁ ବୋଉ ମୁଣ୍ଡିଆ ମାରିବ । ବିଚରା ବାପା ବୋଉର ତାଗିଦ କଥା ଶୁଣି ଆସି କହିଲେ, ଗୋଟାଏ ଦିନରେ ଗୋଟିଏ ମୁଣ୍ଡିଆ ଖାଇବା ପାଇଁ ପାଞ୍ଚ ଛଅ ଦିନ ହେବ ମୁଁ କେତେ ମୁଣ୍ଡିଆ ନ ମାରିଛି ? ନିଜ ସ୍ତ୍ରୀକୁ ଆଦରରେ ପଚାରିଲେ, ତୁ କହି ପାରିବୁ ଏ ସାବିତ୍ରୀ ବ୍ରତ କିଏ କରେ ? ଏ ପୂଜାରେ କିଏ ସାର୍ଥକ ହୁଏ ? ଶୁଣ ! ତୋତେ ଏଇ ପୂଜା ବ୍ରତ କରିବା ପାଇଁ ଗୋଟାଏ ଓଳି ଲାଗିଛି । ତୁ ଜଣକୁ ମୁଣ୍ଡିଆ ମାରିଲୁ, ମୁଁ କେତେ କାହାକୁ ମୁଣ୍ଡିଆ ମାରିଛି, ଏଥର କୁହ, ଏ ପୂଜା କାହାର ? ବାପା ବୋଉଙ୍କ ପାଖେ ଝିଅଟି ସବୁ ଶୁଣୁଥିଲା, ଦେଖୁଥିଲା, ହଠାତ କାନ୍ଦି ଉଠିଲା । ବାପା ବୋଉ କହିଲେ, କାହିଁକି କାନ୍ଦୁଛୁ ମା' ? ଝିଅଟି ଦୁହିଁଙ୍କୁ ମନ ଦୁଃଖରେ କହିଲା, ବାପା ବୋଉ, ମୁଁ ବାହା ହେବିନାହିଁ । ଏତେ ଜିନିଷ ମୁଁ ଯୋଗାଡ କରିପାରିବିନାହିଁ । ହାତରେ, ଗୋଡରେ, ମୁଣ୍ଡରେ ମୁଁ ଚିତା ବାଘ ଭଳି ସଜେଇ ହୋଇପାରିବିନି, ଆଉ ଏତେ ଶ୍ଲୋକ, ଗୀତ ଗାଇ ପାରିବିନାହିଁ । ଏତେ ସମୟ ଭୋକିଲା ରହିପାରିବିନାହିଁ । ଏଇ ସାବିତ୍ରୀ ପୂଜା ପାରିବିନି, ମୁଁ ଆଉ ବାହା ହେବିନି... ମୁଁ ରହିବି ଇଟାଲୀରେ, ତୀର୍ଥ ବ୍ରତ କରିବି ମକ୍କା ମଦିନାରେ ....

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ*
*ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*

## ନିଃଷ୍ପ୍ରଭ ନିର୍ବାଣ

*ବଳରାମ ପୂଜାରୀ*



ଫେରନ୍ତା ପରମାୟୁରେ
ଲେଖା ଅଛି,
କିଛି ଗୋଟାଏ ହାରିବା
ହାରିବା' ପଣ
ଶୂନ୍ୟ ସନ୍ଧାନରେ ଏବେ
ଜୀବନ ଯନ୍ତ୍ରଣାର
ଅସରନ୍ତି' ଆସ୍ତରଣ !
ଯୁଦ୍ଧ ଫେରନ୍ତା
ନୀରିହ ନିଷ୍ପତ୍ତି ମାନଙ୍କ
ନ୍ୟୁନତମ
ନିଅଣ୍ଟିଆ
ନିଷ୍ପ୍ରଭନିର୍ବାଣ
ଭୂଲୁଣ୍ଠିତ' ଭାରୁଏ
ବାଟହୁଡା ଆୟୁଷ ମାନଙ୍କ
ନିଷ୍ଫଳ' ନିବେଦନ !
ଆୟୁଷମଖା
ଆଶୀର୍ବାଦ ମାନଙ୍କ
ଅଦ୍ୟତନ' ଅଦମ୍ୟ ଉଦ୍ୟମ !
ତ୍ରିଗୁଣ୍ୟ ତଥାସ୍ତୁ ମାନଙ୍କ
ଶେଷ ହୀନ
ଶୁଷ୍କ' ସନ୍ତରଣ ?

ଅର୍ଜିତ ଆୟୁଷ
ମାନଙ୍କ ଅନୁଚ୍ଚରିତ
ଆତ୍ମୋତ୍ସର୍ଗ !
ଅଫେରା ପଥରେ
ପଥହୁଡା' ପରାସ୍ତ ପଥିକ !
ଶୂନ୍ୟବ୍ରହ୍ମଙ୍କ
ଶୂନ୍ୟନାଦ'ରେ
ଅଦ୍ୟତନ
ଅନାହତ' ଅନାବରଣ

ତୁଣ୍ଡିବନ୍ଧା ତଥାପି ମାନଙ୍କ
ଅଘୋଷିତ' ଅସ୍ତବିରତି
ପରାସ୍ତ ପ୍ରାରବ୍ଧ ମାନଙ୍କ
ହତୋତ୍ସାହିତ ଆତ୍ମାହୁତି
ପରାପ୍ରରଙ୍କ
ଶରଣରେ ଅସ୍ତମିତ
କଳ୍ପିତ ପରାସ୍ତ
ଜୀବନର ଅନ୍ୟନାମ
ପାଦେ' ପାଦେ' ମୃତ୍ୟୁ
ପରିତ୍ୟକ୍ତ ତଥାସ୍ତୁ ମାନଙ୍କ
ବୃନ୍ତଚ୍ୟୁତ ବ୍ୟବଚ୍ଛେଦ !

ଛାୟା, ମାୟା, ଭୋଗ, ସରାଗ
ଅର୍ଥ, ମାନ, ଯଶ, ସମ୍ମାନ
ଗୋଟାଉ ଗୋଟାଉ
ଧୂଆଁ ଧୂମିଳ ପାଲଟେ,
ପାପ ପୂଣ୍ୟର
ତଟଶୂନ୍ୟ ଶୂନ୍ୟତା ?
ଲହୁ ଲୁହର ଲହଡ଼ି'ରେ
ଲଢେ
ନିର୍ବାକ ନିର୍ବାଣ
ପାରିଧି ପଥରେ ଏବେ
ପୁନଃପୌନିକ
ଯୁଆନ ଯନ୍ତ୍ରଣା

ମୃତ୍ୟୁ ଏଠି' ମର୍ମନ୍ତୁଦ
ସତ୍ୟତା'ର ଶିବସୂତ୍ର ?
ସତ୍ୟାନୁସରଣ ସ୍ତୋତ୍ରର
ସତ୍ୟପାଠରେ
ଲିପିବଦ୍ଧ
ଜନ୍ମ ପ୍ରଜନ୍ମର
ପଞ୍ଚଭୂତିଆ ପଞ୍ଝାଙ୍ଗ ?
ସବୁ' ଏଠି ସ୍ଥିରୀକୃତ !
ସବୁ' ଏଠି ବ୍ୟବସ୍ଥିତ !
କେହି ଜଣେ' ଘୂରାଏ
ଘୂର୍ଣ୍ଣିଝଡର ମେରୁଚକ୍ର !
ସେ' ଛନ୍ଦା' ନିଜସ୍ୱ ଛନ୍ଦରେ
ସେ' ରୁନ୍ଧା' ନିଜସ୍ୱ ରନ୍ଧ୍ରରେ
ସେ' କେବେ ସହାୟ ?
କେବେ ନୀରବ' ନିରୁପାୟ ?
ବିଧି ବ୍ୟବସ୍ଥାରେ ରୁନ୍ଧା
ସମଗ୍ର ପ୍ରାରମ୍ଭିକ ପ୍ରାରବ୍ଧ ?
ନିୟତି ନାଗଫାଶ'ରେ ଛନ୍ଦା
ମହାଯାଗତିକ' ବିଶ୍ୱ
ଭାଗ୍ୟ ଭବିଷ୍ୟତର
କାନିରେ ବନ୍ଧା
ଭାରୁଏ' ଭାରୁଏ
ଅଶ୍ଳୀଳ' ପ୍ରଭୁପଣ' ।

*କୁଡୁମୁଲୁଗୁମ୍ମା,ମାଲକାନଗିରି,ବହ୍ନିଭୂମି*
*ମୋ- ୯୬୬୮୬୮୮୪୭୪*

## ଅଫେରା ମୁଁ

*ଜ୍ୟୋସ୍ନାରାଣୀ ଦେବୀ*

ଛଳ ଛଳ ନଈ ହୋଇ ସମୟଟା ଗଲା ବହି
ଅଫେରା ଚଢେଇ ମୁଁ ଯେ ଧରା ଆଉ ଦେବି ନାହିଁ
କହୁଥିଲା କାନେ କାନେ
ଶୃତିରେ ତରଙ୍ଗ ତୋଳି ଖେଳିଖେଳି ସଂଗୋପନେ

ମିଠାମିଠା ବାଲିଘର ସପନର ସହରରେ
ଶୈଶବର ଧୂଳିଖେଳ ପଦୁଅଁପୋଖରୀ କୂଳେ
ହଜିଗଲା ଜହ୍ନରାତି
ମାଆର ପଣତ ତଳେ ଉଠୁଥିବା ମିଠା ସ୍ମୃତି

ବର୍ଷାଭିଜା ଦେହମନେ ସପନର ଢେଉଖେଳ
ଆଷାଢୁଆ ବରଷାରେ ଡଙ୍ଗାଭସା ସାଥୀମେଳ
ପାହାନ୍ତିଆ ମାଆକୋଳ
ହଜିଗଲା ସମୟର ଅଫେରା ସେ ନଈଜଳ

ଯୌବନର ସଇକତେ କେତେ ଯେ ଜୁଆରଭଟ୍ଟା
କେତେ ସାଇତା ସପନେ କାଦୁଅପଙ୍କର ଛିଟା
ସପନର ରଜାପୁଅ
ବାଜିରେ ସବାର ହୋଇ ବାଜି ଜିଣା ପାଇଁ ସୁଅ

ଅଫେରା ସେ ମଧୁବନେ ଫୁଟୁଥିବା ସ୍ମୃତିଫୁଲ
ବୟସର କୃଷ୍ଣଚୂଡ଼ା ମାଗୁଥିବା ଯେତେ ମୂଲ
ଶୋଇଗଲା ନିଦକୋଳେ
ହସୁଥିବା ଆକାଶଟା ମିଟିମିଟି ତାରାମେଳେ

ଅମାନିଆ ମନ ହଜି ଅଫେରା ବସନ୍ତ ଡାଳେ
ଗାଉନାହିଁ ପ୍ରୀତିଗୀତି କୋକିଳର ମିଠା ସୁରେ
ମଳୟର ହସ ଆଜି
ଫିକାଫିକା ଲାଗେ ସତେ ଅବିର ଯାଇଛି ହଜି

ବାସଭରା ଚିଠି ଯେତେ ଗୋପନେ ଫଗୁଣ ଆଣି
ମଧୁଛନ୍ଦା ମନାଙ୍ଗନେ ଆଶାୟୀ ସପନ ବୁଣି
ରଚୁଥିଲା କାୟାକଳ୍ପ
ପ୍ରଣୟର ଛାତିତଳେ ଅଭିସାରେ କେତେ ଗଳ୍ପ

ସୁଗନ୍ଧିତ ଋତୁରାଜ ଅଫେରା ଝରଣା ସାଥେ
ବନ୍ଧୁବାନ୍ଧି ଯାଇଅଛି ଚିରନ୍ତନ ନଦୀପଥେ
କୁହୁକିନୀ ମାୟାରାତି
ବନଜୋଛନାର କୋଳେ ଦୂରେ କାହିଁ ଗଲା ବିତି

ପ୍ରଣୟର ତରୁଡାଳେ ଚପଳ ସନ୍ତାନ ମୁଖ
ପଦ୍ମକଳି ସମ ଫୁଟି ହରି ନେଇଥିଲା ଦୁଃଖ
ଅଭାବିତ ଜୀବନ ଏ
ପକ୍ଷୀସବୁ ଉଡିଗଲେ କରି କେତେ ଅଭିନୟେ

ଜୀବନ ଦରିଆ କୂଳେ ତୋଳିଥିବା ଛୋଟଘର
ଅଫେରା ସମୟ ବୁକେ ଲୀନ ହୁଏ ବାରବାର
କହୁଥାଏ ଅହରହ
ଯିବୁ ଚାଲି ତୁ ମଧ ବେଳୁ ସାବଧାନ ହୁଅ ।

*ବ୍ରହ୍ମପୁର, ଗଂଜାମ*
*ମୋ-୯୭୭୬୧୧୬୭୫୪*

## ପ୍ରୀତି ସୁରମ୍ୟ ସହର

*ପ୍ରମୋଦ ମଲ୍ଲିକ*

ପ୍ରଗଲ୍ଭା ନଦୀର କୂଳେ ବସି ଝୁରେ
ଭାସେ ମୋ ଜୀବନ ତରୀ
ଘନ ଅମାବାସ୍ୟା ଯନ୍ତ୍ରଣା ସମସ୍ୟା
ମାଡ଼ି ଆସେ ଦୁଃଖ ଲହଡ଼ି
ଭବିଷ୍ୟ ଜୀବନ ଝଲ ମଲ ସ୍ୱପ୍ନ
ଧୀରେ ପାଲଟେ ରଙ୍ଗହୀନ
ସ୍ୱପ୍ନ ପୁରାତନ ଆକାଶ ବିବର୍ଣ୍ଣ
ଶବ୍ଦ କରୁଣ ମଳିନ
କମ୍ପିତ ହୃଦୟ ବ୍ୟସ୍ତ ନିଃସହାୟ
ନଟେଇ ଛିଡ଼ିବା ଭୟ
ଆକୁଳ ପ୍ରୟାସ ହତାଶ ନିରାଶ
ଥୁଣ୍ଟା ବୃକ୍ଷର କି ଥୟ ?
ଅନୁତାପେ ସବୁ ବିମର୍ଷ ସକାଳ
ନିର୍ଜନତା ଆର୍ତ୍ତସ୍ୱର
ନିଘଞ୍ଚ ଏ ମନ ସବୁଜ ଅରଣ୍ୟ
ଅବସାଦ ଦାବାନଳ
ଅଜସ୍ର ବିଷାକ୍ତ ମୃତ୍ୟୁ ତ ଝଙ୍କୃତ
ହୃଦ ନିଘଞ୍ଚ ଅରଣ୍ୟେ
ଅହଂକାରୀ ମନେ ଜଳେ ବହ୍ନି ଯେହ୍ନେ
ସ୍ୱାର୍ଥ ସଂଗ୍ରାମୀ ଜୀବନେ
ଦୁର୍ଭାଗ୍ୟଟା ଯେତେ କୋଳେଇ ଆଉଁଶେ
ଧ୍ୱଂସ ସ୍ତୁପର ପଥେ
କୋମଳତା ଅଙ୍ଗ ଶୋଷୁଛି ସର୍ବାଙ୍ଗ
ସମ୍ମୁଖେ କି ମୁର୍ଦ୍ଦାରଟେ
ଦୁଃଖ ରାତ୍ରୀ ମୋର ଲମ୍ବି ହୁଏ ସରୁ
ଭେଟିବ ଅନ୍ତିମ କାଳ
ତଥାପି ଦେଖୁଛି ସମ୍ମୁଖରେ ଛିଡ଼ା
ପ୍ରୀତି ସୁରମ୍ୟ ସହର ।

*ଭୁବନେଶ୍ୱର*

## ଈଶ୍ୱରଙ୍କ ମୃତ୍ୟୁ

*ନୀଳମାଧବ କର*



କୁନି କୁନି ଈଶ୍ୱରଙ୍କ ମୃତ୍ୟୁରେ
ଆହୁରି ନୀଳ ଦିଶେ ଆକାଶ

ଅସତୀର ହସରେ
ଦହି ହେଇଯାଏ ହୃଦୟ,

ଖୁଣୀ ସମାଜ, ଆଖିବୁଜି
ଲଙ୍ଗଳା ବୁଲୁଥାଏ ଦାଣ୍ଡରେ

ଆତ୍ମା ନଥିବା ଶରୀର
ପଚେ, ଗଳେ, ଗନ୍ଧାଏ

ଜଳୁନଥିବା ଜୁଇର ନିଆଁରେ
ଜଂଜାଳ ପୋଡ଼ି ପାଉଁଶ ହୁଏନି

ଏ ଦୁଃଖର ଶବ ବୋହି
ବଞ୍ଚିଥାଏ ପୃଥିବୀ

ତା ଦୁଃଖ କିଏ ଚିହ୍ନେ, କିଏ ଚିହ୍ନେନା,
କିଏ ଚିହ୍ନି ଅଚିହ୍ନା କରେ

ଦୁଃଖ ମରେନା, ଗଜୁରୁଥାଏ,
ନେସିହେଇ ରହିଥାଏ ଜୀବନସାରା

ପ୍ରକୃତି ଝରଝର କାନ୍ଦେ, ବିକଳ ହୁଏ
ସରଗରୁ ଓହ୍ଲେଇ ଆସେ

ସମାଳିବାକୁ ସାହା ହେଇ,
ଆକାଶ କୋଳାଇଥାଏ ପୃଥିବୀକୁ

ଗର୍ଭପାତ ବନ୍ଦ ହୁଏନି
ଈଶ୍ୱରଙ୍କୁ ମନା ହେଇଥାଏ ଜୀବନ ।

*ଓଲଭରହାମ୍ପଟନ, ୟୁକେ*

## ଶବ୍ଦ

*ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର*



ଅସ୍ତ୍ର ଠାରୁ ଅଧିକ ତୀକ୍ଷ୍ଣ,
ପବନ ଠାରୁ ତୀବ୍ରତର,
ଭେଦି ଯାଏ ସତେ ଅବା ଲକ୍ଷ୍ୟ ଭେଦି ବାଣ,
ପଞ୍ଚଇନ୍ଦ୍ରୀୟକୁ କରି ଉତ୍ତେଜିତ,
ସଭିଙ୍କୁ ଅନାୟାସେ କରେ ପରାଜିତ
ବହୁରୂପୀ ହୋଇ ଆସି
ହୃଦୟକୁ କରେ ଉଲ୍ଲସିତ
କେବେ ହୋଇ ଫୁଲଠୁ କୋମଳ
ସୃଷ୍ଟିର ବାର୍ତ୍ତା ନେଇ
କରେ ସଭିଙ୍କୁ ପାଗଳ
କେବେ ପୁଣି ହୋଇ ସେ ଅନଳ
ଦଗ୍ଧ କରେ ସୁକୁମାର ପ୍ରାଣ
କେବେ ଫୁଲର ପରଶ
ଆଉ କେବେ ବୀଣାର ମୂର୍ଚ୍ଛନା
କେବେ ଚୁମ୍ବନ କଣ୍ଟାର
କ୍ଷତ କରି ଝରାଏ ରୁଧିର,
ଯେବେ ହୁଏ ସେ ମଧୁର
ଝରିପଡ଼େ କରୁଣାର ଧାର
ହୋଇ ପୁଣି ମୃତ୍ୟୁ ସଂଜୀବନୀ
ରୋମାଂଚିତ କରେ ତନୁ ମନ
କେବେ ପୁଣି ହୋଇ ସେ ଉଦାର
ସଜାଡ଼େ କେତେ ଉଜୁଡା ସଂସାର ।

*ତାଳଚେର, ଅର୍ମାଲ*
*ମୋ- ୯୮୬୧୧୯୨୪୪୫*



## ବିରହ ବେଦନା

*ସନ୍ତୋଷ କୁମାର ଅଦାବର*



ସମ୍ପର୍କ ଗଢ଼ିବା କେତେ ଯେ କଠିନ
ତମକୁ ଅଜଣା ନାହିଁ
ପିଲା ଖେଳ ଭଳି ଧୂଳିଘର ଭାବି
ଭାଙ୍ଗିଦେଲ କାହିଁ ପାଇଁ

ଅସୁମାରୀ ଆଶା କୋଟିଏ ଭରସା
ହେଲା ବ୍ୟର୍ଥ ଧୂଆଁ ଭଳି
ମନରୁ ବିଶ୍ୱାସ ତୁଟେଇ ଦେଇଛ
ସନ୍ଦେହର ନିଆଁ ଜାଳି

ତୃଷାତୁର ହୋଇ ଖୋଜୁଥିଲ ରାହା
ଜୀବନ ମରୁଭୂମିରେ
ବଞ୍ଚିବାର ତାଜ ମହଲ ଗଢ଼େ ଯିଏ
ସେ କି ଧୋକା ଦେଇପାରେ ?

ଛଳନା, ବାହାନା, ପ୍ରତାରଣା ଅବା
ମିଥ୍ୟା, ମାୟା, ପ୍ରବଞ୍ଚନା
ଏ ସବୁ ସାଉଁଟି ଦେଲ ତୁମେ ଭେଟି
ସେ ତ ବିରହ ବେଦନା

ସ୍ମୃତିଟିଏ କରି ପୋଛି ଦେଲ ମନୁ
ହୋଇଗଲ ସ୍ୱାର୍ଥପର
ବିରହ ବେଦନା ତୁମେ କି ଜାଣନା
ହୃଦୟ କଲ ପଥର ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

## ଚା'କପ

*ପ୍ରଣୀତା ମିଶ୍ର*



ଚା' କପରେ ଅଟକି ଥାଏ ଜୀବନ
ଆରମ୍ଭ ହୁଏ ସକାଳ
ଧୂଆଁ ଧୂଆଁ ଦିଗବଳୟ
ଚଢ଼େଇଙ୍କ କିଚିରି ମିଚିରି
ଦୁଇ କପ ଚା ସହ ଆରମ୍ଭ
ଦିନର ଯେତେ ସବୁ ଧାଁ ଧଉଡ

ଭରି ଯାଏ ଜୀବନୀ ଦେହରେ
ଚାହାର ନିବିଡ଼ ସ୍ପର୍ଶରେ
ଶିରା ପ୍ରଶିରାରେ ଖେଳେ
ଅଦ୍ଭୁତ ଚମକ ସବୁ
ଦିନଟା ହୋଇଯାଏ ଅତୀବ ଉଜ୍ଜ୍ୱଳ
ଡାଏରୀର ଟିପା କାମ
ଦୃଷ୍ଟିପଥେ ହୁଏ ସମୁଜ୍ଜ୍ୱଳ



ଚା'ର ଆସର ତ ଦିନ ସାରା
ଚାଲେ ବହୁବାର
କେବେ ନାଲି କେବେ ଧଳା
ସବୁଜ ଚାହା ତ ସ୍ୱାସ୍ଥ୍ୟ ପକ୍ଷେ ହିତକର

ଚା' ନୁହେଁ ଖାଲି ପାନୀୟ ଗୋଟିଏ
ବଢ଼ାଏ ସେ ଆତ୍ମୀୟତା ସାଙ୍ଗସାଥୀରେ
ପରସ୍ପର ଦୁଃଖ ସୁଖ ବାଣ୍ଟି ନିଜ ମଧ୍ୟେ
ସମ୍ମିଳିତ ହୁଅନ୍ତି ଚା ଝଟିରେ
କେବେ ପଞ୍ଚ ତାରକା ହୋଟେଲରେ
କେବେ କଫି ସପରେ ।

*ଭୁବନେଶ୍ୱର*

## କହିବ କି...!!

*ରମାକାନ୍ତ ଦାସ*

କହିବ କି..!!
କାହିଁକି ତୁମେ ଆସ
ମୋ ଭାବନାରେ
କାହିଁକି ତୁମକୁ ମୁଁ ଭାବେ
ମୋ ପ୍ରତି ସ୍ପନ୍ଦନରେ
କାହିଁକି ତୁମକୁ ମୁଁ ଦେଖେ
ମୋ ମୁଦି ଯାଇଥିବା ଆଖିରେ
କାହିଁକି ତୁମକୁ ମୁଁ ଖୋଜେ
ମୋ ହୃଦୟର ବହଳ ଶୂନ୍ୟତା ଭିତରେ
ଜାଣେନା କାହିଁକି....!!
ଭାରି ଭଲଲାଗେ
ସେ ଦୁର୍ବଳ ମୁହୂର୍ତ୍ତ ସବୁ
ଆଖି ଲୁହ ଝରାଏ
ଓଠ ନୀରବି ଯାଏ
ହୃଦୟ ଜଳୁଥାଏ
ଅଦୃଶ୍ୟ ଯନ୍ତ୍ରଣାର ଜଉଘରେ
ତଥାପି ମୋ ଅନ୍ଧକାର ଜୀବନକୁ
ମୁଁ ଆଲୋକିତ କରୁଥାଏ
ତୁମ ପ୍ରେମର ପହିଲି କିରଣରେ
ମୋ ମନ ବନ୍ଦୀ ହୋଇଯାଏ
ତୁମ ହୃଦୟ କାରାଗାରରେ
ଜାଣିଛି ମୋ ପ୍ରେମ ଏକତରଫା
ବିନା ଅପରାଧରେ ମୁଁ ଭୋଗେ
ତୁମକୁ ନପାଇବାର ସଜା
ପ୍ରେମରେ ହାରିବାର ସଜା
ହେଲେ କହିବ କି......!!
ଏ ପ୍ରେମ ନା ପାଗଳାମି ।

*ନନ୍ଦିଗ୍ରାମ,ନାଉଗାଁ,ଜଗତସିଂହପୁର*
*ମୋ- ୯୬୬୮୮୧୫୩୭୯*

# ଟି୨୦ ରାଙ୍କିଙ୍ଗ୍ : ପୁଣି ବାଜି ମାରିଲେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ**




ଭାରତର ସୂର୍ଯ୍ୟକୁମାର ଯାଦବ କ୍ରମାଗତ ୨ୟ ବର୍ଷ ଲାଗି ବର୍ଷର ଶ୍ରେଷ୍ଠ ଟ୍ୱେଣ୍ଟି୨୦ କ୍ରିକେଟର ପୁରସ୍କାର ପାଇଛନ୍ତି । ଟି୨୦ କ୍ରିକେଟ୍‌ରେ ତାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ସୂର୍ଯ୍ୟଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି । ଆସନ୍ତା ଟ୍ୱେଣ୍ଟି୨୦ ବିଶ୍ୱକପ୍‌ରେ ସୂର୍ଯ୍ୟକୁମାର ଭାରତୀୟ ଦଳର ପ୍ରମୁଖ ବ୍ୟାଟ୍ସମ୍ୟାନ ଭୂମିକା ନିର୍ବାହ କରିବାକୁ ଯାଉଛନ୍ତି । ସୂର୍ଯ୍ୟକୁମାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ପୁରସ୍କାର ଗ୍ରହଣ କରିବାର ଫଟୋ ଛାଡ଼ିଛନ୍ତି । ଏଥିରେ ସେ ଭାରତୀୟ ଦଳର ଜର୍ସି ଓ ଆଇସିସି ଦ୍ୱାରା ପ୍ରଦତ୍ତ ସ୍ୱତନ୍ତ୍ର ଟୋପି ପିନ୍ଧି ଟ୍ରଫି ଧରିଥିବା ଦେଖିବାକୁ ମିଳୁଛି । ୨୦୨୩ରେ ଆନ୍ତର୍ଜାତିକ ଟ୍ୱେଣ୍ଟି୨୦ କ୍ରିକେଟ୍‌ରେ ସୂର୍ଯ୍ୟକୁମାର ଯାଦବ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ୧୭ଟି ଟ୍ୱେଣ୍ଟି୨୦ ଇନିଂସରୁ ୧୫୫.୯୫ ଷ୍ଟ୍ରାଇକରେଟ୍ ଓ ୪୮.୮୬ ଆଭରେଜରେ ପ୍ରଭାବଶାଳୀ ୭୩୩ ରନ୍ କରିଥିଲେ । ଆହତ ଥିବା ଯୋଗୁଁ ୨୦୨୪ ଆଇପିଏଲ୍ ଆରମ୍ଭରୁ ସୂର୍ଯ୍ୟକୁମାର ଯାଦବ କିଛି ମ୍ୟାଚ୍ ଖେଳିନଥିଲେ । ପରେ ସେ ୧୬୭.୪୭ ଷ୍ଟ୍ରାଇକ୍‌ରେଟ୍‌ରେ ମୋଟ ୩୪୫ ରନ୍ କରିଥିଲେ । ଏଥିରେ ସାମିଲ ଥିଲା ୫୧ ବଲ୍‌ରୁ ଅପରାଜିତ ଶତକ ।

# ଟି-୨୦ ବିଶ୍ୱକପ୍ : ଚାମ୍ପିୟନ୍ ଦଳକୁ ମିଳିବ ୪୬.୬ କୋଟି ଟଙ୍କା

**ନୂଆଦିଲ୍ଲୀ**

ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ । ଏହି ଟୁର୍ଣ୍ଣାମେଣ୍ଟ ଜୁନ ୨ରୁ ଆରମ୍ଭ ହେବାକୁ ଯାଉଛି । ଏଥର ଟି-୨୦ ବିଶ୍ୱକପ ଆମେରିକା ଏବଂ ୱେଷ୍ଟଇଣ୍ଡିଜ ଦ୍ୱାରା ଆୟୋଜିତ ହେବ । ଆମେରିକାର ନ୍ୟୁୟର୍କରେ ପହଞ୍ଚିବା ପରେ ଟିମ୍ ଇଣ୍ଡିଆ ଅଭ୍ୟାସ ଆରମ୍ଭ କରିଛି । ଆଇପିଏଲ ୨୦୨୪ ଶେଷ ହୋଇଛି, ଯେଉଁଥିରେ ଟାଇଟଲ ବିଜେତା କେକେଆର୍ ଏବଂ ରନର୍ ଅପ ହାଇଦ୍ରାବାଦ କୋଟି କୋଟି ଟଙ୍କାର ପୁରସ୍କାର ରାଶି ପାଇଛି । ତେବେ ଟି-୨୦ ବିଶ୍ୱକପ ୨୦୨୪ ଟାଇଟଲ ଜିତୁଥିବା ଏବଂ ରନର୍ ଅପ ଦଳ କେତେ ପୁରସ୍କାର ରାଶି ପାଇବ ?

ତେବେ ୨୦୨୪ ବିଶ୍ୱକପ ପାଇଁ ପୁରସ୍କାର ରାଶି ଏପର୍ଯ୍ୟନ୍ତ ସରକାରୀ ଭାବେ ଘୋଷଣା କରାଯାଇ



ନାହିଁ । କିନ୍ତୁ ଯଦି ସମାନ ପୁରସ୍କାର ରାଶି ପୂର୍ବ ଅର୍ଥାତ୍ ୨୦୨୨ ଟି-୨୦ ବିଶ୍ୱକପ ପରି ଦିଆଯାଏ, ତେବେ ବିଜେତା ଦଳକୁ ୫.୬ ମିଲିୟନ ଟଙ୍କା ମିଳିବ

ଆଇସିସି ୨୦୨୨ ଟି-୨୦ ବିଶ୍ୱକପ ପାଇଁ ମୋଟ୍ ପୁରସ୍କାର ରାଶି ୫.୬ ମିଲିୟନ ଡଲାରରେ ରଖିଥିଲା, ଯାହାକି ଭାରତୀୟ ଟଙ୍କା ପାଖାପାଖି ୪୬.୬ କୋଟି ଟଙ୍କା ଯଦିଓ ଶେଷ ସଂସ୍କରଣରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ, ଏଥର ସମୁଦାୟ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ୨୦୨୨ରେ ଟାଇଟଲ ଜିତିଥିବା ଇଂଲଣ୍ଡକୁ ପ୍ରାୟ ୧୩ କୋଟି ଟଙ୍କା ମିଳିଥିବାବେଳେ ରନର୍ସଅପ ଶେଷ କରିଥିବା ପାକିସ୍ତାନକୁ ୬.୪୪ କୋଟି ଟଙ୍କା ଦିଆଯାଇଥିଲା ।

ବିଜେତା ଏବଂ ରନର୍ସ ଅପ ବ୍ୟତୀତ ଟପ-୪ରେ ପହଞ୍ଚିଥିବା ଦଳକୁ କୋଟି କୋଟି ଟଙ୍କା ମଧ୍ୟ ଦିଆଯାଇଥିଲା, ଯେଉଁଥିରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟ ସାମିଲ ହୋଇଥିଲେ । ଉଭୟ ଦଳ ୩.୨୫ କୋଟି ଟଙ୍କା ପାଇଥିଲେ । ଏହା ବ୍ୟତୀତ ସୁପର ୧୨ ଏବଂ ସୁପର ୮ରେ ପହଞ୍ଚିଥିବା ଦଳଗୁଡ଼ିକ ମଧ୍ୟ ପୁରସ୍କାର ରାଶି ପାଇଥିଲେ ।

୨୦୨୨ ଟି-୨୦ ବିଶ୍ୱକପରେ ଇଂଲଣ୍ଡ ପାକିସ୍ତାନକୁ ପରାସ୍ତ କରି ଟାଇଟଲ ଜିତିଥିଲା । ସେମିଫାଇନାଲରେ ହାରିଯିବା ପରେ ଭାରତ ଫାଇନାଲ୍‌ରୁ ବାଦ୍ ପଡ଼ିଥିଲା ।

# ୱାର୍ମଅପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇଲା ୱେଷ୍ଟଇଣ୍ଡିଜ

**ପୋର୍ଟଅଫ୍ ସ୍ପେନ୍**

ଟି୨୦ କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଆୟୋଜିତ ଏକ ୱାର୍ମଅପ୍ ମ୍ୟାଚ୍‌ରେ ନିକୋଲାସ ପୁରନ ଓ ରୋଭମାନ ପାୱେଲଙ୍କ ଅର୍ଦ୍ଧଶତକ ସହାୟତାରେ ୱେଷ୍ଟଇଣ୍ଡିଜ ୯ଜଣିଆ ଅଷ୍ଟ୍ରେଲିଆ ଦଳକୁ ୩୫ ରନ୍‌ରେ ପରାସ୍ତ କରିଛି । ନାମିବିୟା ବିପକ୍ଷ ମ୍ୟାଚ୍ ଭଳି ଅଷ୍ଟ୍ରେଲିଆ ୯ଜଣ ଖେଳାଳିଙ୍କୁ ନେଇ ଏହି ମ୍ୟାଚ୍ ଖେଳିଥିଲା ।

ଫିଲ୍ଡିଂ ବେଳେ ସିଲେକ୍ଟର ଜର୍ଜ ବେଲି ଓ ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡଙ୍କୁ କିନ୍ତୁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିଥିଲା । ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ପୁରନ (୭୫ରନ, ୨୫ବଲ୍, ୫ ଚୌକା ଓ ୮ ଛକା) ଓ ଅଧିନାୟକ ପାୱେଲ (୫୨ରନ, ୨୫ ବଲ୍, ୪ ଚୌକା ଓ ୪ ଛକା)ଙ୍କ ଅର୍ଦ୍ଧ ଶତକ ଏବଂ ଶେରଫେନ୍ ରଥରଫୋର୍ଡଙ୍କ ୧୮ ବଲ୍‌ରୁ ଅପରାଜିତ ୪୭ (୪ ଚୌକା ଓ ୪ ଛକା) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୫୭ ରନ କରିଥିଲା ।

ପୁରନ ଓ ଜନସନ ଚାର୍ଲସ (୪୦ରନ)ଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟରେ ୯୦ ରନ ଏବଂ ୫ମ ଉଇକେଟରେ ରଥରଫୋର୍ଡ ଓ ଶିମରନ ହେଟମେୟର (୧୮)ଙ୍କ ମଧ୍ୟରେ ୫ମ ଉଇକେଟରେ ୬୩ ରନର ଅପରାଜିତ ପାର୍ଟନରସିପ୍ ହୋଇଥିଲା ।

ଅଷ୍ଟ୍ରେଲିଆ ପକ୍ଷରୁ ବୋଲିଂ କରି ଟିମ୍ ଡେଭିଡ୍, ଜୋଶ ହାଜ୍‌ଲେଉଡ୍, ଆଡାମ ଜାମ୍ପା, ନାଥାନ ଏଲିସ ଓ ଆଶଟନ ଅଗର ମହାଙ୍ଗା ସାବ୍ୟସ୍ତ ହୋଇଥିଲେ ।

ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୨୨ ରନ କରିବାରେ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଜୋଶ ଇଂଲିଶ ୫୫ରନ (୩୦ ବଲ, ୩ଚୌକା ଓ ୪ ଛକା) ଏବଂ ନାଥାନ ଏଲିସଙ୍କ ୩୯ ରନ (୨୨ ବଲ, ୪ ଚୌକା ଓ ୨ ଛକା)ଙ୍କ ବ୍ୟାଟିଂ ଉଲ୍ଲେଖନୀୟ ରହିଥିଲା । ଅଧିନାୟକ ପ୍ୟାଟ କମିନ୍ସ, ଗ୍ଲେନ ମାକ୍ସୱେଲ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, କାମେରନ ଗ୍ରୀନ ଏବଂ ଟ୍ରାଭିସ୍ ହେଡ୍‌ଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆ ଏହି ମ୍ୟାଚ ଖେଳିଥିଲା । ଏହି ଖେଳାଳିମାନେ ଆଉ କିଛି ଦିନ ପରେ ଦଳ ସହିତ ଯୋଗ ଦେବେ । ନାମିବିୟା ଏହା ପୂର୍ବରୁ ଖେଳିଥିବା ଏକ ୱାର୍ମଅପ୍ ମ୍ୟାଚକୁ ଡିଏଲ୍‌ଏସ୍ ପଦ୍ଧତିରେ ୩ ରନରେ ଜିତିଥିଲା ।

# କୋରିଆକୁ ହରାଇ ସେମିରେ ଭାରତର ତ୍ରୀସା ଓ ଗାୟତ୍ରୀ

**ନୂଆଦିଲ୍ଲୀ**

ଭାରତୀୟ ବ୍ୟାଡ଼ମିଣ୍ଟନର ରାଇଜିଂ ଷ୍ଟାର ତ୍ରୀସା ଜଲୀ ଓ ଗାୟତ୍ରୀ ଗୋପିଚାନ୍ଦ କମାଲ କରିଛନ୍ତି । ଏହି ଭାରତୀୟ ଯୋଡ଼ି ସିଙ୍ଗାପୁର ଓପନର କ୍ୱାର୍ଟର ଫାଇନାଲରେ କୋରିଆ ଖେଳାଳିଙ୍କୁ ଜଲକା କରିଦେଇଛନ୍ତି । ସମସ୍ତଙ୍କୁ ଚକିତ କରି ତ୍ରୀସା ଓ ଗାୟତ୍ରୀ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ।




କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡ଼ି ୬ଷ୍ଠ ସିଡ୍ ଦକ୍ଷିଣ କୋରିଆର କିମ୍ ସୋ ୟେଓଙ୍ଗ ଓ କଙ୍ଗ ହୀ ୟଙ୍ଗଙ୍କୁ ନାଟକୀୟ ଢଙ୍ଗରେ ପରାସ୍ତ କରିଛନ୍ତି । ପୂରା ମ୍ୟାଚ୍‌ରେ ତ୍ରୀସା ଓ ଗାୟତ୍ରୀ ନିଜର ଦକ୍ଷତା ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି ।

ମ୍ୟାଚ୍‌ର ପ୍ରଥମ ସେଟକୁ ଭାରତୀୟ ଯୋଡ଼ି ୧୮-୨୧ରେ ହାରି ଯାଇଥିଲେ । କିନ୍ତୁ ଦ୍ୱିତୀୟ ସେଟ୍‌ରରେ କମ୍‌ବ୍ୟାକ୍ କରି ୨୧-୧୯ରେ ବାଜିମାତ୍ କରିଥିଲେ । ସ୍ଥିତି ୧-୧ ରହିବାକୁ ମ୍ୟାଚ୍‌ର ନିର୍ଣ୍ଣୟ ତୃତୀୟ ସେଟ୍‌ରେ ହୋଇଥିଲା ।

ଏହି ସେଟ୍‌ରେ କୋରିଆନ ଯୋଡ଼ି ଚାପ ପକାଇବାକୁ ଚେଷ୍ଟା କରିଥିଲେ ହେଁ ତ୍ରୀସା ଓ ଗାୟତ୍ରୀ ଏହାକୁ ଅକାମୀ କରି ଦେଇଥିଲେ । ଶେଷରେ ୨୪-୨୨ରେ ଉଭୟ ମ୍ୟାଚ୍‌କୁ ଜିତି ସେମିରେ ପ୍ରବେଶ କରିଛନ୍ତି । କ୍ୱାର୍ଟର ଫାଇନାଲ ମ୍ୟାଚ୍ ୧ ଘଣ୍ଟା ୧୯ ମିନିଟ ଧରି ଚାଲିଥିଲା ।

ଗତବର୍ଷ ତ୍ରୀସା ଓ ଗାୟତ୍ରୀ ଏହି କୋରିଆନ ଯୋଡ଼ିଙ୍କ ଠାରୁ ଏସିଆନ ଗେମ୍ସରେ ପରାସ୍ତ ହୋଇଥିଲେ । ଉଭୟ ୩୦ତମ ସିଡ୍ ହୋଇଥିବାରୁ କୋରିଆନ ଯୋଡ଼ିଙ୍କ ଠାରୁ ପରାସ୍ତ ହେବେ ବୋଲି ସମସ୍ତେ ଆଶା କରିଥିଲେ । ହେଲେ ସିଙ୍ଗାପୁର ଓପନରେ ଭାରତୀୟ ଯୋଡ଼ି ବିପର୍ଯ୍ୟୟ ଘଟାଇଛନ୍ତି । ସେମିଫାଇନାଲରେ ଏମାନଙ୍କର ମୁକାବିଲା ୪ର୍ଥ ସିଟ୍ ଜାପାନର ନାମି ମାତସୁୟାମା ଓ ଚିହାରୁ ଶିଡାଙ୍କ ସହ ହେବ ।

# ଦକ୍ଷିଣ ଏସୀୟ ଯୁବ ଟିଟି: ସାର୍ଥକଙ୍କୁ ୩ ପଦକ

**ନୂଆଦିଲ୍ଲୀ**



ଶ୍ରୀଲଙ୍କାର କାଣ୍ଡିସ୍ଥିତ ମ୍ୟୁନିସିପାଲ କାଉନସିଲ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ଆୟୋଜିତ ଦକ୍ଷିଣ ଏସୀୟ ଯୁବ ଟେବୁଲ୍ ଟେନିସ (ଟିଟି) ପ୍ରତିଯୋଗିତାରେ ଓଡ଼ିଆ ପୁଅ ତଥା ଉଦୀୟମାନ ତାରକା ସାର୍ଥକ ଆର୍ଯ୍ୟଙ୍କୁ ସଫଳତା ମିଳିଛି । ସେ ଏହି ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ତିନିଟି ପଦକ କରାୟତ୍ତ କରିଛନ୍ତି । ୧୫ ବର୍ଷରୁ କମ୍ ଏକକରେ ରୌପ୍ୟ ଜିତିଥିଲା ବେଳେ ଏହି ବୟସ ବର୍ଗ ମିଶ୍ରିତ ଯୁଗଳ ଓ ଦଳଗତରେ ସ୍ୱର୍ଣ୍ଣ ପାଇଥିଲେ । ଏହି ସଫଳତା ଆଧାରରେ ସେ ଜୁନ୍ ୩୦ରୁ ଜୁଲାଇ ୬ ପର୍ଯ୍ୟନ୍ତ ଚୀନ୍‌ରେ ହେବାକୁ ଥିବା ଏସୀୟ ଯୁବ ଟିଟି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସୂଚନାଯୋଗ୍ୟ, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ଗୁଣ୍ଡିଲୋ ଗରମା ଗ୍ରାମର ମୂଳ ବାସିନ୍ଦା ସାର୍ଥକ ବର୍ତ୍ତମାନ ସୋନିପତ୍‌ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଏଥି ପୂର୍ବରୁ ସାର୍ଥକ ବିଭିନ୍ନ ବିଶ୍ୱସ୍ତରୀୟ ଓ ଜାତୀୟସ୍ତରୀୟ ଟିଟି ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି । ଆଗକୁ ଅଲିମ୍ପିକ୍ସରେ ପଦକ ଜିତିବା ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ପ୍ରଶିକ୍ଷଣ ନେବା ସହିତ କଠିନ ପରିଶ୍ରମ ଜାରି ରଖିବା କହିଛନ୍ତି ।

# ତୃତୀୟ ରାଉଣ୍ଡରେ ଜୋକୋଭିକ

**ପ୍ୟାରିସ୍**

ବିଶ୍ୱର ୧ ନମ୍ବର ନୋଭାକ ଜୋକୋଭିକ, ୨ ନମ୍ବର ଜାନିକ ସିନ୍ନର, ୪ ନମ୍ବର ଆଲେକ୍‌ଜାଣ୍ଡର ଭେରେଭ ଚଳିତ ଫ୍ରେଞ୍ଚ ଓପନ୍ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ଏକକ ମୁକାବିଲାରେ ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସର୍ବିୟାର ଜୋକୋଭିକ ୬-୪, ୬-୧, ୬-୨ ସେଟ୍‌ରେ ସ୍ପେନ୍‌ର ରୋବର୍ଟୋ କାର୍ବାଲେସ ବାଏନାଙ୍କୁ, ଅଷ୍ଟ୍ରେଲିଆନ୍ ଓପନ୍ ବିଜେତା ଇଟାଲିର ସିନ୍ନର ୬-୪, ୬-୨, ୬-୪ ସେଟ୍‌ରେ ଫ୍ରାନ୍ସର ରିଚର୍ଡ ଗାସ୍‌କ୍ୱେଟଙ୍କୁ, ଜର୍ମାନିର ଭେରେଭ ୭-୬, ୬-୨, ୬-୨ ସେଟ୍‌ରେ ବେଲ୍‌ଜିୟମ୍‌ର ଡେଭିଡ୍ ଗଫିନ୍‌ଙ୍କୁ ହରାଇଥିଲେ । ସେହିଭଳି ଦଶମ ମାନ୍ୟତାପ୍ରାପ୍ତ ବୁଲଗେରିଆର ଗ୍ରିଗୋରି ଦିମିଟ୍ରୋଭ ୬-୦, ୬-୩, ୬-୪ ସେଟ୍‌ରେ ହଙ୍ଗେରିର ଫାବିଆନ୍ ମାରୋସାନଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି ।

## ରିକି ପଣ୍ଟିଂଙ୍କ ଭବିଷ୍ୟବାଣୀ

# ଟି-୨୦ ବିଶ୍ୱକପ୍‌ରେ ଜଶପ୍ରୀତ ବୁମ୍‌ରା ନେବେ ସର୍ବାଧିକ ୱିକେଟ୍

**ୱାଶିଂଟନ୍**

ୱେଷ୍ଟଇଣ୍ଡିଜ ଏବଂ ଆମେରିକା ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ପ୍ରସ୍ତୁତ ଅଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଜୁନ ୨ରୁ ଆରମ୍ଭ ହେବାକୁ ଯାଉଛି । ଏଥି ସହିତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ତେବେ ଏହା ପୂର୍ବରୁ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି । ଟିମ ଇଣ୍ଡିଆର ଦ୍ରୁତ ବୋଲର ଜଶପ୍ରୀତ ବୁମ୍‌ରା ଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ନେବେ ବୋଲି ରିକି ପଣ୍ଟିଂ ବିଶ୍ୱାସ କରିଛନ୍ତି । ଏଠାରେ ଅଷ୍ଟ୍ରେଲିଆର ଓପନର୍ ଟ୍ରାଭିସ ହେଡ୍ ସର୍ବାଧିକ ରନ ସ୍କୋର କରୁଥିବା ବ୍ୟାଟ୍ସମ୍ୟାନ ତାଲିକାରେ




ଶୀର୍ଷରେ ରହିବେ ।

ରିକି ପଣ୍ଟିଂ କହିଛନ୍ତି, ଜଶପ୍ରୀତ ବୁମ୍‌ରା ଜଣେ ମହାନ ବୋଲର । ସେ ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ପ୍ରଦର୍ଶନ କରିଆସୁଛନ୍ତି, ଏହି ଦ୍ରୁତ ବୋଲରଙ୍କ ଆଇପିଏଲ୍ ମଧ୍ୟ ଭଲ ଥିଲା । ବୁମ୍‌ରାଙ୍କର ନୂଆ ବଲ ସୁଇଙ୍ଗ କରିବାର କ୍ଷମତା ଅଛି, କିନ୍ତୁ ଏହି ବୋଲରଙ୍କୁ ସବୁଠାରୁ ସ୍ୱତନ୍ତ୍ର କରୁଥିବା ଅର୍ଥ ହେଉଛି ତାଙ୍କ ଆଭରେଜ୍ । ବୁମ୍‌ରା ପ୍ରତି ଓଭରରେ ୭ ରନ କମ୍ ଦେଇଛନ୍ତି, ଯାହା ଟି-୨୦ ଫର୍ମାଟରେ ପ୍ରଶଂସନୀୟ ।

ଏଥି ସହିତ ରିକି ପଣ୍ଟିଂ ବିଶ୍ୱାସ କରନ୍ତି ଯେ ଟି-୨୦ ବିଶ୍ୱକପରେ ଅଷ୍ଟ୍ରେଲିଆର ଓପନର୍ ଟ୍ରାଭିସ ହେଡ୍ ସର୍ବାଧିକ ରନ ସ୍କୋର କରିବେ । ଟ୍ରାଭିସ ସବୁ ଫର୍ମାଟରେ ନିଜକୁ ପ୍ରମାଣିତ କରିଛନ୍ତି । ସେ ଲାଲ ବଲ ହେଉ କିମ୍ବା ଧଳା ବଲ । ଟ୍ରାଭିସ୍ ହେଡ ଯେଉଁ ଶୈଳୀରେ ବ୍ୟାଟିଂ କରିଛନ୍ତି ତାହା ଚମତ୍କାର ଅଟେ ।

# ଆମେରିକାରେ ଟିମ୍ ଇଣ୍ଡିଆକୁ ମିଳୁନି ସୁବିଧା : ରୋହିତ-ଦ୍ରାବିଡ଼ଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ**

ଭାରତୀୟ ଦଳର ସମସ୍ତ ଖେଳାଳି ଟି-୨୦ ବିଶ୍ୱକପ ଟୁର୍ଣ୍ଣାମେଣ୍ଟ ପାଇଁ ଆମେରିକାରେ ପହଞ୍ଚିଛନ୍ତି । ସେଠାରେ ପହଞ୍ଚିବା ପରେ ଟିମ୍ ଇଣ୍ଡିଆ ମଧ୍ୟ ନେଟ୍ ଅଭ୍ୟାସ ଆରମ୍ଭ କରିଛି । କିନ୍ତୁ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଏବଂ ଅଧିନାୟକ ରୋହିତ ଶର୍ମା ନ୍ୟୁୟର୍କରେ ସୁବିଧା ଅଭାବରୁ ଅସୁବିଧା ଭୋଗୁଛନ୍ତି । ଏପରିକି ଅନେକ ଖେଳାଳିଙ୍କ ସହ ଅଧିନାୟକ ରୋହିତ ଶର୍ମା ଏବଂ କୋଚ୍ ରାହୁଲ ଦ୍ରବିଡ ଆଇସିସି ଦ୍ୱାରା ଦିଆଯାଇଥିବା ସୁବିଧାରେ ସନ୍ତୁଷ୍ଟ ନୁହନ୍ତି ।

ସୂଚନାନୁସାରେ, ଟିମ୍ ଇଣ୍ଡିଆକୁ ନାସାଉ ଜିଲ୍ଲାର ଗାର୍ଡେନ



ସିଟି ଗ୍ରାମରେ ରଖାଯାଇଛି ଏବଂ କ୍ୟାଣ୍ଟନେ୍‌ଏକ ପାର୍କରେ ଅଭ୍ୟାସ ସୁବିଧା ଦିଆଯାଇଛି । ଖେଳାଳିମାନେ କହିଛନ୍ତି ଯେ ଏହି ସୁବିଧାଗୁଡ଼ିକ ମଧ୍ୟମ ଗୁଣାତ୍ମକ ଏବଂ ସ୍ଥାୟୀ ଭାବରେ ପ୍ରସ୍ତୁତ ହୋଇନାହିଁ । ଏହା ବ୍ୟତୀତ ନ୍ୟୁୟର୍କର ନାସାଉ କାଉଣ୍ଟି ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡ଼ିୟମରେ କୌଣସି ଅଭ୍ୟାସ ସୁବିଧା ନାହିଁ, ଏଠାରେ ଦଳକୁ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବାକୁ ପଡିବ ।

ଏହା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର ବିଷୟ । କାରଣ ବାଂଲାଦେଶ ବିପକ୍ଷ ୱାର୍ମଅପ୍ ମ୍ୟାଚ୍ ପର୍ଯ୍ୟନ୍ତ ସେମାନଙ୍କୁ କ୍ୟାଣ୍ଟନେ୍‌ଏକ ପାର୍କରେ ଅଭ୍ୟାସ କରିବାକୁ ପଡିବ । ଏହା ପରେ ଦଳ ଫ୍ଲୋରିଡା ଯାଇ ୱେଷ୍ଟଇଣ୍ଡିଜରେ ସୁପର ୮ ମ୍ୟାଚ ଖେଳିବ । ଆଇସିସି ଏପର୍ଯ୍ୟନ୍ତ ଏ ବାବଦରେ କୌଣସି ବିବୃତ୍ତି ଦେଇନାହିଁ ।

ଭାରତୀୟ ଦଳ ଜୁନ ୫ରେ ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ବିଶ୍ୱକପରେ ପ୍ରଥମ ମ୍ୟାଚ ଖେଳିବ । ଏହା ପରେ ଭାରତ ଜୁନ ୯ରେ ପାକିସ୍ତାନ ବିପକ୍ଷରେ ଖେଳିବ । ଜୁନ ୧୨ରେ ଭାରତ ଆମେରିକା ବିପକ୍ଷରେ ଖେଳିବ ଏବଂ ଶେଷ ମ୍ୟାଚ ଜୁନ ୧୫ରେ କାନାଡା ବିପକ୍ଷରେ ହେବ ।

# ଟାଇମ୍ସ ସର୍ଭେ: ଆଇଟିଇଆର୍ ଦେଶର ତୃତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଗୁରୁବାର ପ୍ରକାଶିତ ଟାଇମ୍ସ ଅଲ୍ ଇଣ୍ଡିଆ ଇଞ୍ଜିନିୟରିଂ ଇନ୍‌ଷ୍ଟିଚ୍ୟୁଟ୍ ର୍ୟାଙ୍କିଙ୍ଗ୍ ସର୍ଭେ ୨୦୨୪ର ଓଭରଅଲ୍ କ୍ୟାଟେଗୋରୀରେ ଦେଶର ତୃତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସ୍ଥାନୀତ ହୋଇଛି । ୨୦୨୩ ଟାଇମ୍ସ ସର୍ଭେରେ ମଧ୍ୟ ଆଇଟିଇଆର୍ ଦେଶର ପ୍ରମୁଖ ଇଞ୍ଜିନିୟରିଂ କଲେଜ ଗୁଡ଼ିକ ମଧ୍ୟରେ ତୃତୀୟ ସ୍ଥାନ ହାସଲ କରିଥିଲା । ସେହିପରି ଏ ବର୍ଷ ଦେଶର ଶ୍ରେଷ୍ଠ ୧୨୫ଟି ପ୍ରାଇଭେଟ୍ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ମଧ୍ୟରେ ଦ୍ୱିତୀୟ ସ୍ଥାନ ଏବଂ ପୂର୍ବ ଭାରତରେ ପ୍ରଥମ ସ୍ଥାନ ହାସଲ କରିଛି ଆଇଟିଇଆର । ଚଳିତ ବର୍ଷ ଗବେଷଣା କ୍ଷେତ୍ରରେ ଆଇଟିଇଆର ଦେଶରେ ତୃତୀୟ ସ୍ଥାନ ଏବଂ ପ୍ଲେସ୍‌ମେଣ୍ଟରେ ୫ମ ସ୍ଥାନ ହାସଲ କରିଛି । ୨୦୨୩ରେ ଗବେଷଣା କ୍ଷେତ୍ରରେ ସାରା ଦେଶରେ ଏହି ଶିକ୍ଷାନୁଷ୍ଠାନ ୪ର୍ଥ ଏବଂ ପ୍ଲେସ୍‌ମେଣ୍ଟରେ ୯ମ ସ୍ଥାନରେ ରହିଥିଲା ।

# ଟି-୨୦ ବିଶ୍ୱକପ୍ ପୂର୍ବରୁ ପାକିସ୍ତାନକୁ ହରାଇଲା ଇଂଲଣ୍ଡ

**ଇଂଲଣ୍ଡ**

ଟି-୨୦ ବିଶ୍ୱକପ୍ ୨୦୨୪ରେ ସଫଳତାର ଆଶା ନେଇ ପାକିସ୍ତାନ କ୍ରିକେଟ ବୋର୍ଡ ପୁନର୍ବାର ବାବର ଆଜମଙ୍କୁ ଦଳର ଅଧିନାୟକ କରିଛି । ଅଧିନାୟକ ପଦରୁ ହଟାଯିବାର ମାତ୍ର ୫ ମାସ ପରେ ସେ ପୁଣି ଫେରି ଆସିଥିଲେ, କିନ୍ତୁ ପରିସ୍ଥିତି ପୂର୍ବ ପରି ସମାନ ରହିଛି । ପ୍ରଥମେ ଦ୍ୱିତୀୟ ପର୍ଯ୍ୟାୟ ନ୍ୟୁଜିଲାଣ୍ଡ ସହିତ ସିରିଜ ଡ୍ର, ତାପରେ କୌଣସି ପ୍ରକାରେ ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ଏବଂ ବର୍ତ୍ତମାନ ଇଂଲଣ୍ଡ ବିପକ୍ଷ ପରାଜୟ ପାକିସ୍ତାନୀ ଦଳର ପ୍ରସ୍ତୁତିକୁ ପ୍ରକାଶ କରିଛି । ଲଣ୍ଡନରେ ଖେଳାଯାଇଥିବା ଶେଷ ଟି-୨୦ ମ୍ୟାଚରେ ଇଂଲଣ୍ଡ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରି ସିରିଜକୁ ୨-୦ରେ ଜିତି ନେଇଛି ।

ଚାରି ମ୍ୟାଚ ବିଶିଷ୍ଟ ସିରିଜର ଦୁଇଟି ମ୍ୟାଚ ବର୍ଷା ହେତୁ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା, ଯାହା ପାକିସ୍ତାନ ଏବଂ ଇଂଲଣ୍ଡର ପ୍ରସ୍ତୁତି ଉପରେ ପ୍ରଭାବ ପକାଇଥିଲା । ତଥାପି ଡିଫେଣ୍ଡିଂ ଟି-୨୦ ବିଶ୍ୱକପ ଚାମ୍ପିୟନ ଇଂଲଣ୍ଡ, ବାକି ୨ଟି ମ୍ୟାଚ୍ ଜିତି ପୁନର୍ବାର ଟାଇଟଲ ଜିତିବାକୁ ପ୍ରସ୍ତୁତ ବୋଲି ଦର୍ଶାଇଥିଲା । ଲଣ୍ଡନର ଓଭାଲରେ ଖେଳାଯାଇଥିବା ସିରିଜର ଶେଷ ମ୍ୟାଚ ଏହାର ସର୍ବଶ୍ରେଷ୍ଠ ଉଦାହରଣ ଥିଲା, ଯେଉଁଠାରେ ପ୍ରଥମେ ଇଂଲଣ୍ଡର ବୋଲରମାନେ ପାକିସ୍ତାନକୁ ଖରାପ




କରିଦେଇଥିଲେ ଏବଂ ପରେ ବ୍ୟାଟ୍ସମ୍ୟାନ୍‌ମାନେ ସେମାନଙ୍କୁ ପରାସ୍ତ କରି ଏକ ସହଜ ବିଜୟ ହାସଲ କରିଥିଲେ ।

# ୫ନଂ ଜୋନ୍‌ରେ ଗଣେଶ୍ୱର ଓ ଅଂଶୁମାନଙ୍କର ରୋଡ୍ ଶୋ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପରିଷଦ ୫ନଂ ଜୋନ୍‌ରେ ବିଜେଡିର ଏକ ବିଶାଳ ରୋଡ୍ ଶୋ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୫ନଂ ଜୋନର ଧୂମାତ, ଇନ୍ଦୁପୁର, ଘାଗରା, କୁତରଙ୍ଗ, ନିକିରାଇ, ଚାରିଗାଁ, କୋରୋ ପ୍ରଭୃତି ପଞ୍ଚାୟତ ଗୁଡିକ ପରିକ୍ରମା କରିଥିଲା । ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଙ୍କ ସମେତ ବ୍ଲକ ସଭାପତି ଆଲୋକ ସାହୁ, ରଂଜିତ ପ୍ରସାଦ ଜେନା, ଦିପାଳୀ ଜେନା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ପଞ୍ଚାୟତ ସଭାପତିଙ୍କ ସମେତ ରାଜେଶ ପଣ୍ଡା, ପୂର୍ବତନ ସରପଞ୍ଚ ହରି ପ୍ରସାଦ ବେହେରା, ରାଜନ ଆଟୋଇ ପ୍ରମୁଖ ଉପସ୍ଥିତ ରହି ୫ନଂ ଜୋନର ପ୍ରତ୍ୟେକ ଘର ଘର ବୁଲି ଜନ ସାଧାରଣଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ନିବେଦନ କରିଥିଲେ । ଷଷ୍ଠ ଥର ପାଇଁ ଲୋକପ୍ରିୟ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଜନ ସାଧାରଣଙ୍କୁ ନିବେଦନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ହୋଇ ଏକ ବିରାଟ ମୋଟର ସାଇକଲେ ଶୋଭାଯାତ୍ରାରେ ଗ୍ରାମ ପରିଦର୍ଶନ କରିଥିଲେ ।

# ମନ କିଣୁଛି କେନ୍ଦୁଝରର ଯୁବ ଫଟୋ ଗ୍ରାଫରଙ୍କ କ୍ଷୁଦ୍ର ଚଳଚ୍ଚିତ୍ର ଦେବୀ

**କେନ୍ଦୁଝର, ନ୍ୟୁଜ୍**

ତ୍ରିଦେବୀ ନାମକ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ପ୍ରଶଂସା ସାଉଁଟୁଛନ୍ତି କେନ୍ଦୁଝରର ଯୁବ ଫଟୋ ଗ୍ରାଫର ସୌମ୍ୟଜିତ ଦାଶ (ରାଜ) । ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ୪ ଜଣ ଭଉଣୀଙ୍କ କାହାଣୀକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ଏବଂ ଡି.ଓ.ପି ଭାବେ ଦାୟିତ୍ୱ ତୁଲେଇଥିଲେ ସୌମ୍ୟଜିତ ଦାଶ (ରାଜ) । ଏଇ କ୍ଷୁଦ୍ର ଚଳଚ୍ଚିତ୍ରକୁ କେନ୍ଦୁଝରର ଜଣେ ଜଣାଶୁଣା ଲେଖକ ଦୁର୍ଗାପ୍ରସାଦ ମଲ୍ଲିକ ଲେଖିଥିଲେ । ଏଇ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ଦୀପା, ଜ୍ୟୋତ୍ସା, ଲକ୍ଷ୍ମୀପ୍ରିୟା, ତୃପ୍ତିମୟି (ରାନୁ), ରାହିଲ, ଲିପି, ସୌରଭ ଏବଂ ବୁଲୁ ସିନେମାଟୋଗ୍ରାଫିରେ ମଳୟ, ଏଡିଟିଙ୍ଗରେ ଦିଲ୍ଲୀପ, ପୋଷ୍ଟରରେ ରାଜ୍ ଫୋଟୋଗ୍ରାଫି ଏଣ୍ଡ ଫିଲ୍ମର ତତ୍ତ୍ୱାବଧାନରେ ଏହି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରକାଶ ପାଇଛି । ଏହି କ୍ଷୁଦ୍ର ଚଳଚ୍ଚିତ୍ରଟି ଏସ.ଜେ ଫିଲ୍ମସ ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ଼ ହୋଇଥିବା ଫିଲ୍ମ ନିର୍ମାତା ସୌମ୍ୟଜିତ ଦାଶ (ରାଜ) ସୂଚନା ଦେଇଛନ୍ତି ।




# ସଂଅରା ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ'



**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଂଅରା ପଞ୍ଚାୟତରେ ନିହାର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ରୋଡ଼ ଶୋ' କରି ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ଏହି ରୋଡ଼ ଶୋ ଦିନ ୧୦ ଘଟିକା ସମୟରେ ହେବାକୁ ଥିବାବେଳେ ବିଧାୟକ ପ୍ରାର୍ଥୀଙ୍କର ଅନ୍ୟ ପଞ୍ଚାୟତରେ କାର୍ଯ୍ୟକ୍ରମ ରହିଥିବାରୁ ଦିନ ୧ ଘଟିକା ସମୟରେ ରୋଡ଼ ଶୋ ଅନୁଷ୍ଠିତ ହୋଇଥିଲା । ବିଳମ୍ବ ହେବାରୁ କର୍ମୀମାନେ ଫେରିଯାଉଥିବା ନେଇ ବିଧାୟକ ପ୍ରାର୍ଥୀ ଶ୍ରୀ ଭୋଇ ଜାଣିବାରୁ ସଂଅରା ଛକରେ ପହଞ୍ଚି କର୍ମୀମାନଙ୍କୁ ବୁଝାସୁଝା କରିଥିଲେ । ପରେ ସଂଅରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ରୋଡ୍ ଶୋରେ ବିପୁଳ ପରିମାଣରେ ବିଧାୟକ ପ୍ରାର୍ଥୀଙ୍କୁ ଫୁଲ ଓ ହୁଳହୁଳି ମାଧ୍ୟମରେ ମହିଳାମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଏହି ରୋଡ଼ ଶୋ'ରେ ବ୍ଲକ୍ ଅଧକ୍ଷ ମନୋଜ ବେହେରା, ଜିଲ୍ଲା ପରିଷଦ ଗଙ୍ଗାଧର ବିଶ୍ୱାଳ, ସୁନୀଲ ବେହେରା, ଦିଲ୍ଲୀପ ମହାନ୍ତିଙ୍କ ସମେତ କର୍ମୀମାନେ ସାମିଲ ହୋଇଥିଲେ । ଜିଲ୍ଲା ବିଜେଡି ସମ୍ପାଦକ ଦିଲ୍ଲୀପ ମହାନ୍ତି, ବ୍ଲକ ଛାତ୍ର ବିଜେଡି ସଭାପତି କାଳନ୍ଦୀ ଦାଶ, ପଞ୍ଚାୟତ ବିଜେଡି କାର୍ଯ୍ୟକାରୀ ସଭାପତି ସଚିତ୍ର ମୁଦୁଲି, ପଞ୍ଚାୟତ ବିଜେଡି ଯୁବ ସଭାପତି ପ୍ରଶାନ୍ତ ପାଣି, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ରଶ୍ମିକାନ୍ତ ପାଣି, ଜିଲ୍ଲା ଛାତ୍ର ବିଜେଡି ସମ୍ପାଦକ ସୁଜିତ ମଲ୍ଲିକ, ବ୍ଲକ ଛାତ୍ର ବିଜେଡି ସମ୍ପାଦକ ମନୋରଞ୍ଜନ ସାହୁ, ପାଣି ପଞ୍ଚାୟତ ସମ୍ପାଦକ ସୁଶାନ୍ତ ଦାସ, କୃଷ୍ଣଚନ୍ଦ୍ର ଦାସ, ବାବୁଲା ପ୍ରଧାନ, ସୁଦର୍ଶନ ଓଝା, ମୋହନ ଜେନା, ବାପୁଜି ଖୁଣ୍ଟିଆ, ଝିଲ୍ଲି ମଲ୍ଲିକ, ପ୍ରଭାକର ସରଙ୍ଗୀ, ସରୋଜ ବର୍ଦ୍ଧନ, ସଞ୍ଜୟ ନାୟକ, ରଶ୍ମୀ ବଲ୍ଲବ ଦାଶ, ସୁଧିନ୍ଦ୍ର ଚନ୍ଦ, ସୋମନାଥ ମଲ୍ଲିକ, ଶଶୀକାନ୍ତ ଜେନା, ସୂର୍ଯ୍ୟକାନ୍ତ ପୁହାଣଙ୍କ ସମେତ ହାଜର ହଜାର କର୍ମୀ ସାମିଲ ହୋଇଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଜୁନ ୨୦୨୪ ଶନିବାର







ଭୁବନେଶ୍ୱର : ଜୟଦେବ ଭବନରେ ମୁର୍ଚ୍ଛନା ଅନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଶତପ୍ରତିଶତ ଭୋଟ୍ ପାଇଁ ନିମନ୍ତ୍ରଣ ଓ ନିବେଦନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଗଣତନ୍ତ୍ର ମହାପର୍ବରେ ସାମିଲ ହୋଇ ଶତପ୍ରତିଶତ ଭୋଟଦାନ କରିବାକୁ କେନ୍ଦ୍ରପଡ଼ା ଜିଲ୍ଲାର ସମସ୍ତ ମତଦାତାଙ୍କୁ ସାଦର ନିମନ୍ତ୍ରଣ ଓ ନିବେଦନ ଜଣାଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ଲଢୁଥିବା ୧୦ଜଣ ସାଂସଦ ପ୍ରାର୍ଥୀ ଓ ୪୦ ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର୍ । ମତଦାତାଙ୍କ ପାଇଁ ସଜାଇ ହୋଇ ରହିଛି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ କ୍ଷେତ୍ରର ୧୪୪୫ଟି ମତଦାନ କେନ୍ଦ୍ର । ପାନୀୟ ଜଳ, ସୁଲଭ ଶୌଚାଳୟ, ବିଶ୍ରାମ ସ୍ଥାନ, ଆଲୋକୀକରଣ ବ୍ୟବସ୍ଥା, ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ, ଓଆରଏସ୍ ପ୍ୟାକେଟ୍, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି, ଦିବ୍ୟାଙ୍ଗ ଜନଙ୍କ ପାଇଁ ସକ୍ଷମ ବାହାନ ଆଦି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ । ଶୁକ୍ରବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ଇଭିଏମ୍‌ଗୁଡ଼ିକୁ ସଂଗ୍ରହ କରି ବୁଥ୍ ପରିଚାଳନା ଅଧିକାରୀମାନେ ବାକି ଥିବା ଦୁଇ ନିର୍ବାଚନ ମଣ୍ଡଳୀ ୯୬-ପାଟକୁରା, ୯୭-କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରର ସମସ୍ତ ବୁଥ୍‌କୁ ଯାତ୍ରା କରିଛନ୍ତି । ପ୍ରତ୍ୟେକ ପୋଲିଂ ପାର୍ଟିରେ ଅଛନ୍ତି ଜଣେ ପ୍ରିଜାଇଡିଙ୍ଗ୍ ଅଫିସର, ୫ଜଣ ପୋଲିଂ ଅଧିକାରୀ ଓ ଜଣେ ପୁଲିସ । ପାଟକୁରାରେ ୩୦୯ଟି ବୁଥ୍ ଥିବା ବେଳେ କେନ୍ଦ୍ରାପଡ଼ାରେ ରହିଛି ୨୪୬ଟି ବୁଥ୍ । ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ସମସ୍ତ ବ୍ଲକ ମୁଖ୍ୟାଳୟକୁ ଇଭିଏମ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ଥାନାନ୍ତର ହୋଇଛି । ଶନିବାର ଭୋଟ୍‌ଗ୍ରହଣ ସମୟରେ ଯଦି ଇଭିଏମ୍ ମେସିନ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ପ୍ରିଜାଇଡିଙ୍ଗ୍ ଅଫିସରଙ୍କ ସୂଚନାକ୍ରମେ ବ୍ଲକ୍ ମୁଖ୍ୟାଳୟରୁ ବୁଥ୍‌କୁ ଇଭିଏମ୍ ପ୍ରେରଣ କରାଯିବ । ନିର୍ବାଚନକୁ ଶାନ୍ତିପୂର୍ଣ୍ଣଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି । ଜିଲ୍ଲାରେ ସିଏପିଏଫ୍ (ସେଣ୍ଟ୍ରାଲ୍ ଆର୍ମଡ୍ ପୋଲିସ୍ ଫୋର୍ସ) ୧୮ କମ୍ପାନୀ ଅର୍ଥାତ୍ ୫୪ ପ୍ଲାଟୁନ୍ ମୁତୟନ ହୋଇଛନ୍ତି । ରାଜ୍ୟ ଶସସ୍ତ୍ର ପୁଲିସ୍ ବାହିନୀର ୧୩ ପ୍ଲାଟୁନ୍ ଫୋର୍ସ ମତଦାତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବେ । ୧୪୪୫ଟି ବୁଥ୍‌ରେ ୧୪୪୫ଜଣ ପୁଲିସ୍ କର୍ମଚାରୀ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ । ମତଦାନ ସମୟରେ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଅସାମାଜିକ ତତ୍ତ୍ୱକୁ ପ୍ରତିହତ କରିବା ପାଇଁ ୧୦୮ଟି ଚାରିଚକିଆ ଯାନରେ ପୁଲିସ୍ ଅଧିକାରୀମାନେ ସମସ୍ତ ବୁଥ୍‌କୁ ପରିଦର୍ଶନ କରିବା ପାଇଁ ନିୟୋଜିତ ହୋଇଛନ୍ତି । ବାହାର ଜିଲ୍ଲାରୁ ଆସିଥିବା ୭୫୦ଜଣ କନେଷ୍ଟବଳ ଓ ହାବିଲଦାର ଏବଂ ୬୧୦ଜଣ ହୋମ୍‌ଗାର୍ଡ଼ ନିର୍ବାଚନରେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବେ । ୧୮୬ ଜଣ ପୁଲିସ୍ ଅଧିକାରୀ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି । ଶନିବାର ସକାଳ ୭ଘଟିକାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ । ଶତପ୍ରତିଶତ ଭୋଟ୍‌ଦାନ କରି ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି ।

# ବ୍ୟାଙ୍କରେ ପଡ଼ିଛି ୭୮,୨୧୩ କୋଟି ଟଙ୍କା : କେହି ନାହାନ୍ତି ଦାବିଦାର

**ନୂଆଦିଲ୍ଲୀ**

ବିଭିନ୍ନ ବ୍ୟାଙ୍କରେ ଜମା ଥିବା ଅଣଦାବିଦାର ଆକାଉଣ୍ଟ ଟଙ୍କା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ଏହି ଟଙ୍କା ୨୬% ବୃଦ୍ଧି ଘଟି ୭୮ ହଜାର ୨୧୩ କୋଟି ଟଙ୍କାରେ ପହଞ୍ଚିଛି, ଯେଉଁ ଆକାଉଣ୍ଟର କୌଣସି ଦାବିଦାର ନାହାନ୍ତି । ଗୁରୁବାର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆରବିଆଇ) ପ୍ରକାଶ କରିଥିବା ଏକ ବାର୍ଷିକ ଡାଟାରୁ ଏହା ଜଣାପଡ଼ିଛି । ରିପୋର୍ଟ ଅନୁସାରେ ମାର୍ଚ୍ଚ ୨୦୨୩ ଶେଷରେ ଡିପୋଜିଟର ଆଣ୍ଡ ଏୱାରନେସ୍ ଫଣ୍ଡ (ଡିଇଏ) ପାଣ୍ଠି ସହ ଏହି ପରିମାଣ ୬୨,୨୨୫ କୋଟି ଟଙ୍କା ଥିଲା । ସମବାୟ ବ୍ୟାଙ୍କ ସମେତ ଅନ୍ୟ ବ୍ୟାଙ୍କଗୁଡ଼ିକ ୧୦ କିମ୍ବା ଏଥିରୁ ଅଧିକ ବର୍ଷ ଧରି ପଡ଼ି ରହିଥିବା




ଅଣଦାବିଦାର ଡିପୋଜିଟକୁ ଆରବିଆଇ ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଛନ୍ତି, ଯେଉଁଥିରୁ ଏହି ତଥ୍ୟ ପ୍ରକାଶ ପାଇଛି । ବ୍ୟାଙ୍କ୍ ଖାତାଧାରୀଙ୍କୁ ସାହାଯ୍ୟ କରିବା ପାଇଁ ଏବଂ ଏକ ନିଷ୍କ୍ରିୟ ଆକାଉଣ୍ଟ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ପ୍ରାରମ୍ଭରେ ଅଚଳ ହୋଇଯାଇଥିବା ଏବଂ ଦାବିଦାର ନଥିବା ବ୍ୟାଙ୍କ୍ ଖାତା ଉପରେ ସବିଶେଷ ତଥ୍ୟ ମାଗିଥିଲେ ।

ଠକେଇକୁ ରୋକିବା, ବ୍ୟାଙ୍କ୍ ଖାତାଧାରୀଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଏହିପରି ଆକାଉଣ୍ଟଗୁଡିକର ସମୀକ୍ଷା କରିବା ପାଇଁ ଆରବିଆଇ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଛି । ଏହି ନିର୍ଦ୍ଦେଶନାମା ସମସ୍ତ ବାଣିଜ୍ୟିକ ବ୍ୟାଙ୍କ (ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସମେତ) ସମେତ ସମସ୍ତ ସମବାୟ ବ୍ୟାଙ୍କ ପାଇଁ ପ୍ରଯୁଜ୍ୟ । ଏପ୍ରିଲ ୧, ୨୦୨୪ରୁ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇଛି । ଏକାଧିକ ବ୍ୟାଙ୍କରେ ଅନାବଶ୍ୟକ ଜମାକୁ ସହଜରେ ଏବଂ ଗୋଟିଏ ସ୍ଥାନରେ ଖୋଜିବାରେ ଜମାକାରୀଙ୍କୁ ସୁବିଧା କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏକ କେନ୍ଦ୍ରୀଭୂତ ୱେବ୍ ପୋର୍ଟାଲ୍ ୟୁଡିଜିଏଏମ୍-ଅନକ୍ଲେମ୍ଡ ଡିପୋଜିଟ୍ସ ଗେଟୱେ ଟୁ ଆକ୍ସେସ ଇନଫରମେସନ୍ ବିକଶିତ କରିଛି ।

# ମଧ୍ୟପ୍ରାଚ୍ୟରେ ହୋଟେଲ ଶିଳ୍ପ କ୍ଷେତ୍ରରେ ସୋଆ ପୁରାତନ ଛାତ୍ରୀ ଉତ୍କର୍ଷ ନେତୃତ୍ୱ ନିମନ୍ତେ ମନୋନୀତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଧ୍ୟପ୍ରାଚ୍ୟର ହୋଟେଲ୍ ଶିଳ୍ପ କ୍ଷେତ୍ରରେ ୨୦୨୪ ପାଇଁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ର ପୁରାତନ ଛାତ୍ରୀ ସୋନମ୍ ଦାସ ନିଜର ନେତୃତ୍ୱର ଉତ୍କର୍ଷତା ନିମନ୍ତେ ସମ୍ମାନିତ ହୋଇଛନ୍ତି । ସୋନମ୍ ବର୍ତ୍ତମାନ ଦୁବାଇ ସ୍ଥିତ କେମ୍ପିନ୍‌ସ୍କି ହୋଟେଲ ମଲ୍ ଅଫ୍ ଏମିରେଟ୍ସରେ ହାଉସ୍ କିପିଂ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି । ସୋଆ ଏସ୍‌ଏଚ୍‌ଏମ୍‌ର ୨୦୧୨ ବ୍ୟାଚ୍‌ର ଏହି ଛାତ୍ରୀ ମଧ୍ୟପ୍ରାଚ୍ୟରେ ୨୦୨୪ ନିମନ୍ତେ ମନୋନୀତ ହୋଇଥିବା ଶ୍ରେଷ୍ଠ ୩୦ ଜଣ ହାଉସ୍ କିପିଂ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ହୋଇଛନ୍ତି । ହସ୍ପିଟାଲିଟି ଡଟ୍



କମ୍ ପକ୍ଷରୁ ୩୦ ଜଣ ଅଗ୍ରଣୀ ବ୍ୟକ୍ତିଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ଦୀର୍ଘ ୧୧ ବର୍ଷର ଅଭିଜ୍ଞତା ଥିବା ସୋନମ୍ ୨୦୧୨ ମସିହାରେ ଏସ୍‌ଏଚ୍‌ଏମ୍‌ରୁ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ କ୍ୟାମ୍ପସ ପ୍ଲେସ୍‌ମେଣ୍ଟରେ ହାୟାତ ହୋଟେଲ୍ସ ଗ୍ରୁପ୍‌ରୁ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ୨୦୧୭ ମସିହାରେ ଦୁବାଇର ମାରିଅଟ୍ ହୋଟେଲ୍ସରେ ସୁପରଭାଇଜର ଭାବେ କାର୍ଯ୍ୟ କରିଥିବା ବେଳେ ପରବର୍ତ୍ତୀ ସମୟରେ ହାୟାତ ହୋଟେଲ୍ସରେ ମ୍ୟାନେଜର ପଦବୀରେ କାର୍ଯ୍ୟ କରିଥିଲେ । ଏହା ପରେ ସେ କେମ୍ପିନ୍‌ସ୍କି ହୋଟେଲ ମଲ୍ ଅଫ୍ ଏମିରେଟ୍ସରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ସୋନମ୍ ଅବିରତ ଶିକ୍ଷା ଗ୍ରହଣ ଓ ଦଳଗତ କାର୍ଯ୍ୟରେ ବିଶ୍ୱାସ କରନ୍ତି । କଲେଜ ସମୟରେ କ୍ୟାମ୍ପସ୍‌ରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଥିଲେ । ଏହି ସମ୍ମାନ ଗ୍ରହଣ କରିବା ପରେ ସୋନମ୍ ସୋଆକୁ ପ୍ରଶଂସା କରିବା ସହ ତାଙ୍କ କ୍ୟାରିୟରର ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ମିଳିଥିବା ପ୍ରୋତ୍ସାହନ ନିମନ୍ତେ କୃତଜ୍ଞତା ଜଣାଇଥିଲେ ।

## +୩ ନାମଲେଖା ପାଇଁ ଜୁନ୍ ୩ରୁ ଆବେଦନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଥିବା ମହାବିଦ୍ୟାଳୟରେ ଯୁକ୍ତ ୩ ଶ୍ରେଣୀରେ ନାମଲେଖା ପାଇଁ ଆସନ୍ତା ଜୁନ ୩ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଆଶାୟୀ ଛାତ୍ରଛାତ୍ରୀମାନେ ସାମସ ପୋର୍ଟାଲରେ ଅନଲାଇନ ଜରିଆରେ ଜୁନ ୧୭ ତାରିଖ ମଧ୍ୟରେ ଆବେଦନ କରିପାରିବେ । ଏ ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ଚଳିତ ବର୍ଷ ଏହି ପ୍ରକ୍ରିୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଏସସି ଆଇଟିଏମ, ସରକାରୀ ଓ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର ୩ ବର୍ଷିଆ ବିବିଏ ଓ ବିସିଏ, ଉତ୍କଳ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ଼ ଏମବିଏ ଓ ଏମସିଏ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ବିଏ ଏଲଏଲବି ଓ ୩ ବର୍ଷିଆ ଏଲଏଲବି ପାଠ୍ୟକ୍ରମକୁ ସାମିଲ କରାଯାଇଛି । ଏହିସବୁ ପାଠ୍ୟକ୍ରମ ପାଇଁ ୪ଟି ପର୍ଯ୍ୟାୟରେ ଆଡ୍‌ମିସନ ହେବ ।

ପ୍ରଥମ ପର୍ଯ୍ୟାୟ ନାମଲେଖା ତାଲିକା ଜୁନ ୨୫ରେ ପ୍ରକାଶ ପାଇବ । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ତାଲିକା ଜୁଲାଇ ୫, ତୃତୀୟ ପର୍ଯ୍ୟାୟ ଜୁଲାଇ ୧୫ ଓ ଶେଷ ପର୍ଯ୍ୟାୟ ଜୁଲାଇ ୩୦ରେ ପ୍ରକାଶ ପାଇବ । ଅଗଷ୍ଟ ୧ରୁ ପାଠପଢ଼ା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

# ନବରଙ୍ଗପୁରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଳୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଏମଓ (ଏମଏସ୍) ଡା. ସୁକାନ୍ତ ଶତପଥି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିପିଏମ ସୁଶାନ୍ତ କୁମାର ପ୍ରହରାଜ, ଡକ୍ଟର ଇର୍ଷାଦ ମହମ୍ମଦ ଖାଁ, ସିଡିପିଓ ନବରଙ୍ଗପୁର, ସବିତାରାଣୀ ବ୍ରହ୍ମା, ଏଡିପିଏଚସିଓ, ରାମହରି ପଣ୍ଡା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଜିଏନଏମ କଲେଜର ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ତ୍ରିପାଠୀ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ତମାଖୁ ସେବନ ଦ୍ୱାରା ମଣିଷ ଶରୀରରେ ହେଉଥିବା ମାରାତ୍ମକ କ୍ୟାନସର ବ୍ୟାଧି ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ଛାତ୍ରଛାତ୍ରୀ ଯୁବପିଢ଼ି ତମାଖୁ ସେବନରୁ ନିବୃତ୍ତ ରହି ସମସ୍ତଙ୍କୁ ସଚେତନ କରି ଏକ ସୁସ୍ଥସମାଜ ଗଠନରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ତମାଖୁର କ୍ଷତିକାରକ ଉପାଦାନ, ତମାଖୁର ନିଶାସକ୍ତ କାରଣ, ଧୂମ୍ରକାରୀ ତମାଖୁ ସେବନର ପ୍ରଭାବ, ଧୂମ୍ରହୀନ ତମାଖୁ ସେବନର ପ୍ରଭାବ, ପରୋକ୍ଷ ଧୂମ୍ର ପାନ, ମହିଳାମାନଙ୍କ କ୍ଷେତ୍ରରେ ତମାଖୁ ସେବନର କୁଫଳ, ପିଲାମାନଙ୍କ ଉପରେ ତମାଖୁ ସେବନର କୁପ୍ରଭାବ, ମୁଖ କ୍ୟାନସର୍, ତମାଖୁ ଛାଡ଼ିବାର ସ୍ତର, ଭାରତରେ ତମାଖୁ ନିୟନ୍ତ୍ରଣ ପାଇଁ ଆଇନ୍, କୋଟପା ଉଲ୍ଲଂଘନର ଦଣ୍ଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଶଦଭାବେ ଆଲୋଚନା କରାଯାଇ ଥିଲା । ପ୍ରକାଶ ଥାଉକି, ସମଗ୍ର ପୃଥିବୀରେ ତମାଖୁ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଲୋକଙ୍କ ପ୍ରାଣ ନେଉଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିପାଠୀ ସମସ୍ତଙ୍କୁ ତମାଖୁ ବର୍ଜନ ସମ୍ପର୍କିତ ଏକ ଶପଥପାଠ କରାଇଥିଲେ । ଶେଷରେ ଡିପିଏମ ସୁଶାନ୍ତ ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଫେସର ଶ୍ୟାମ ସୁନ୍ଦର ଦାସ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂଆ କୁଳପତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଶ୍ୟାମ ସୁନ୍ଦର ଦାସଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ରାଜ୍ୟପାଳ ରଘୁବର ଦାସ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଶ୍ୟାମ ସୁନ୍ଦର ଦାସଙ୍କୁ ନିଯୁକ୍ତି ଦେଇଛନ୍ତି । ଓଡ଼ିଶା ରାଜ୍ୟ ମୁକ୍ତ



ବିଶ୍ୱବିଦ୍ୟାଳୟ କୁଳପତି ଅର୍କ କୁମାର ଦାସ ମହାପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ନୂଆ କୁଳପତି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ଥିଲା । ପ୍ରଫେସର ଶ୍ୟାମ ସୁନ୍ଦର ଦାସ ଏହି ଦୌଡ଼ରେ ଆଗରେ ରହିବା ସହ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି । ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ବର୍ତ୍ତମାନ ଚଣ୍ଡୀଗଡସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଟିଚର୍ସ ଟ୍ରେନିଂ ଆଣ୍ଡ ରିସର୍ଚ୍ଚର ମିଡିଆ ଇଂଜିନିୟରିଂ ବିଭାଗର ବିଭାଗୀୟ ମୁଖ୍ୟ ଅଛନ୍ତି ।

## ବାଣ ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି

**ପୁରୀ,ନ୍ୟୁଜ ବ୍ୟୁରୋ**

ପୁରୀ ବାଣ ବିସ୍ଫୋରଣ ଘଟଣାରେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଛି । ଚିକିତ୍ସାଧୀନ ଅବସ୍ଥାରେ ଏହି ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ପାଇଛି । ମୃତ୍ୟୁ ନେଇ ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଜାରି ହୋଇଛି । ଏବେ ୨୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସୂଚନାଥାଉ କି, ଭଉଁରୀ ଅବସରରେ ବୁଧବାର ରାତିରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପଖେଳ ଚାଲିଥିବାବେଳେ ଅଭାବନୀୟ ଘଟଣା ଘଟିଛି । ବାଣ ବିସ୍ଫୋରଣ ହେବାରୁ ନିଆଁ ପଡ଼ି ୩୦ରୁ ଅଧିକ ଭକ୍ତ ଆହତ ହୋଇଛନ୍ତି । ଆହତମାନଙ୍କୁ ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ବର୍ଣ୍ଣ ୟୁନିଟ୍ ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୨୦ରୁ ଉର୍ଦ୍ଧ୍ୱ ଗୁରୁତରଙ୍କୁ କଟକ ଏବଂ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

## ରାୟଗଡ଼ା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଗ୍ରୀଷ୍ମ କାଳୀନ ଛୁଟି ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାର ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ରାୟଗଡ଼ା ଜିଲ୍ଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ଗ୍ରୀଷ୍ମ କାଳୀନ ଛୁଟି ଦେବା ପାଇଁ ଦାବି ପତ୍ର ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଶ୍ରମିକ ନେତା ତଥା ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଏବଂ ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତ୍ରୀନାଥ ମାଝୀଙ୍କୁ ଦାବି ପତ୍ର ପ୍ରଦାନ କରିବା ସହ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିଲେ । ମୁଖ୍ୟତଃ ରାଜ୍ୟ ସରକାରଙ୍କ ଚିଠା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଛୁଟି ଘୋଷଣା କରିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ନାମା ଜାରି କରାଯାଇ ଥିବା ବେଳେ ରାଜ୍ୟର କେତୋଟି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଛି । ତେଣୁ ରାୟଗଡ଼ା ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଛୋଟ ଛୁଆମାନେ ସକାଳ ୬ଟାରୁ ବିଦ୍ୟାଳୟକୁ ଆସୁନାହାନ୍ତି, କେଉଁଠି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନାହିଁ ତ, କେଉଁଠି ବିଜୁଳିର ସୁବିଧା ନାହିଁ । ତେଣୁ ଅଙ୍ଗନୱାଡ଼ି ସଂଘର ଅନୁରୋଧ କ୍ରମେ ସମସ୍ତ ହିତାଧିକାରୀ ମାନଙ୍କ ଘର ଘରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରିବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି । କିଛି ଅଙ୍ଗନୱାଡ଼ି କର୍ମୀମାନେ ଅଂଶୁଘାତରେ ପୀଡିତ ହୋଇଛନ୍ତି । ଆଜି ମଧ ରାୟଗଡ଼ା ବ୍ଲକ୍ ଲୁମ୍ବେଷୁ ଗ୍ରାମର ଅଙ୍ଗନୱାଡ଼ି କର୍ମୀ କେନ୍ଦ୍ରରୁ ଫେରୁଥିବା ସମୟରେ ଅଂଶୁଘାତର ଶିକାର ହୋଇ ଡାକ୍ତରୀ ଚିକିତ୍ସା କରିଥିବା ସୂଚନା ମିଳିଛି । ଦାବି ପତ୍ର ପ୍ରଦାନ ସମୟରେ ଅମ୍ବିକା ନୀଳଗିରି , କେ. ନୀଳାଦ୍ରି, ମୋହିନୀ ପାଲାକା, ଜ୍ୟୋସ୍ନା ଘଡ଼ାଇ, ସ୍ନେହାଞ୍ଜଳୀ ମିଶ୍ର ସହ ସମସ୍ତ ବ୍ଲକର ନେତୃବୃନ୍ଦ ଯୋଗ ଦେଇଥିଲେ ।

# ଜେଏସ୍‌ପି ଫାଉଣ୍ଡେସନର ଯଶସ୍ୱୀ ମେଧାବୃତ୍ତି ସହାୟତାରେ ବିଶ୍ୱବିଦ୍ୟାଳୟ ଟପ୍ପର ହେଲେ ନମ୍ରତା ବେହେରା

**କେନ୍ଦୁଝର/ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ରେଇଟାଙ୍ଗିରୀ ସ୍ଥିତ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ମେଧାବୀ ଛାତ୍ରୀ ନମ୍ରତା ବେହେରା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ସ୍ନାତକ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ଗରିବ ମେଧାବୀ ଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଯଶସ୍ୱୀ ମେଧାବୃତ୍ତି ସହାୟତାରେ ଅଧ୍ୟୟନ କରୁଥିଲେ । ବିଶ୍ୱବିଦ୍ୟାଳୟରେ ଟପ୍ପର ହେବା ପରେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି ।

ରେଇଟାଙ୍ଗିରୀ ପଞ୍ଚାୟତର ଡଳଙ୍ଗ ଗାଁର ବିଜୟାନନ୍ଦ ବେହେରା ଓ ଗୀତାଞ୍ଜଳି ବେହେରାଙ୍କ ଝିଅ ସୁଶ୍ରୀ ନମ୍ରତା ବେହେରାଙ୍କ ପାଇଁ ଆର୍ଥିକ ସମସ୍ୟା ଉଚ୍ଚ ଶିକ୍ଷା ନିମନ୍ତେ ବାଧା ସୃଷ୍ଟି କରୁଥିବାବେଳେ ଜେଏସ୍‌ପି ଫାଉଣ୍ଡେସନ ସହାୟତାର ହାତ ବଢ଼ାଇଥିଲେ । ଫାଉଣ୍ଡେସନର ଯଶସ୍ୱୀ ମେଧାବୃତ୍ତି ଯୋଜନାରେ ନମ୍ରତାଙ୍କ ସମ୍ପୂର୍ଣ୍ଣ ପଢ଼ା ଖର୍ଚ୍ଚ ବହନ କରିଥିଲେ । ସୁଶ୍ରୀ ବେହେରା ଏହି ସଫଳତା ପାଇଁ ନିଜର ମାତା-ପିତା ଓ ପରିବାର ବର୍ଗଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ମହାନ୍ତ ଓ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ଏବଂ ଫାଉଣ୍ଡେସନକୁ ଶ୍ରେୟ ଦେଇଛନ୍ତି । ସେ ପରୀକ୍ଷାରେ ୮୭% ନମ୍ବର ରଖି ସର୍ବମୋଟ ୧୪୦୦ ନମ୍ବରରୁ ୧୨୧୯ ନମ୍ବର ପ୍ରାପ୍ତ କରିଛନ୍ତି ।

ତାଙ୍କର ଏହି ସଫଳତା ଜେଏସ୍‌ପି ଫାଉଣ୍ଡେସନର ସହାୟତା ସହ ନିଜର ପରିଶ୍ରମ ଓ ମହାବିଦ୍ୟାଳୟର



ଅଧ୍ୟାପକ-ଅଧ୍ୟାପିକା ମାନଙ୍କର ସହଯୋଗ ବିନା ସମ୍ଭବ ହୋଇପାରି ନଥାନ୍ତା ବୋଲି ସେ କହିଛନ୍ତି । ଭବିଷ୍ୟତରେ ସେ ଏହି ବିଷୟରେ ଉଚ୍ଚ ଶିକ୍ଷା ହାସଲ କରିବା ସହ ଜଣେ ଭଲ ସଫ୍ଟୱେର ଇଂଜିନିୟର ହେବେ ବୋଲି ଆଶା ରଖିଛନ୍ତି । ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତ ଏହି ସଫଳତା ପାଇଁ ନମ୍ରତା ବେହେରାଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷାଦାନରେ ସାମିଲ ଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ଏବଂ ଜେଏସ୍‌ପି ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଛନ୍ତି ।

ଯଶସ୍ୱୀ ମେଧାବୃତ୍ତି କାର୍ଯ୍ୟକ୍ରମ ଜେଏସ୍‌ପି ଫାଉଣ୍ଡେସନର ଏକ ବିଶେଷ ଉଦ୍ୟମ, ଯାହାଦ୍ୱାରା ଫାଉଣ୍ଡେସନ ଗରିବ, ଅବହେଳିତ, ବଞ୍ଚିତ ଏବଂ ମେଧାବୀ ଝିଅପିଲା ମନଙ୍କୁ ସେମାନଙ୍କର ଉଚ୍ଚ ଶିକ୍ଷା ଓ କୌଶଳ ବିକାଶରେ ସହଯୋଗ କରିଆସୁଛି । ବିଶେଷ କରି ଗ୍ରାମୀଣ, ଜଙ୍ଗଲ ଓ ଆଦିବାସୀ ପ୍ରବଣ କ୍ଷେତ୍ରର ପିଲାମାନଙ୍କୁ ଏହି ଯୋଜନା ମାଧ୍ୟମରେ ଉପକାର ମିଳିପାରୁଛି । ୨୦୨୨ରୁ ଆରମ୍ଭ ହେଇଥିବା ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଏପର୍ଯ୍ୟନ୍ତ ୧୧୦୦୦ ଝିଅପିଲା ଏଥିରେ ଉପକୃତ ହୋଇପାରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ଶେଷ ପର୍ଯ୍ୟାୟ...

୭୦ ହଜାରରୁ ଅଧିକ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି । ସୁରକ୍ଷା ପାଇଁ ଭୋଟ କେନ୍ଦ୍ର ନିକଟରେ ୧୨୫ କମ୍ପାନୀ ସିଏପିଏଫ୍ ମୁତୟନ ହୋଇଛନ୍ତି । ଏଜେଣ୍ଟ ଓ ଭୋଟର ବୁଥ୍‌କୁ ମୋବାଇଲ ନେଇ ପାରିବେ ନାହିଁ । କେବଳ ପ୍ରିଜାଇଡିଙ୍ଗ୍ ଅଫିସର ମୋବାଇଲ ନେଇପାରିବେ । ୨୦୧୯ରେ ଏହି ୬ଟି ସଂସଦୀୟ କ୍ଷେତ୍ରରେ ୭୪% ମତଦାନ ହାର ରହିଥିଲା ।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଆଜି...

କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଜାନୁଆରୀ ମାସ ପ୍ରଥମ ସପ୍ତାହରୁ ଏପର୍ଯ୍ୟନ୍ତ ୩୪ ହଜାର ୬୦୨ ୱାରେଣ୍ଟ ଇସ୍ୟୁ ହୋଇଛି । ୪ ହଜାର ପଳାତକଙ୍କ ବିରୋଧରେ ଲଟକା ଲାଗିଛି । ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଦଫା ୧୦୭, ୧୦୯, ୧୧୦ ଜରିଆରେ ଅଭିଯୁକ୍ତଙ୍କୁ ଦମନ କରାଯାଇଛି । ସମୁଦାୟ ୫୧ ହଜାରରୁ ଉର୍ଦ୍ଧ୍ୱ ପ୍ରୋସିଡିଂ ଜାରି ହୋଇଛି । ଭୁବନେଶ୍ୱର କଟକରେ ୩ ଜଣଙ୍କୁ ତଡିପାର ଘୋଷଣା କରାଯାଇଛି । ୧୧ ଜଣଙ୍କୁ ଏନ୍‌ଏସ୍‌ଏରେ ବୁକ କରାଯାଇଛି । ସ୍ପେଶାଲ ଡ୍ରାଇଭ ବଳରେ ୨୮୧ ଜଣଙ୍କ ଠାରୁ ବେଆଇନ ଅସ୍ତ୍ର ଶସ୍ତ୍ର ଜବତ କରାଯାଇଛି । ୩ଟି ବନ୍ଧୁକ ତିଆରି ସ୍ଥାନ ଠାବ କରାଯାଇଛି । ୬ ଲକ୍ଷ ଲିଟର ମଦ ଜବତ କରାଯାଇଛି । ୨୬ ହଜାରରୁ ଉର୍ଦ୍ଧ୍ୱ ଏନ୍‌ଡିପିଏସ୍ କେସ ହୋଇଛି । ୮୬୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ୫ ହଜାର ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ୫ କେଜି ବ୍ରାଉନସୁଗର ଜବତ କରାଯାଇଛି । ସମୁଦାୟ ନିଶା ସାମଗ୍ରୀ ନଗଦ ଟଙ୍କା ଜବତ ମୂଲ୍ୟ ଆନୁମାନିକ ୮୯ କୋଟି ହେବ । ଏସ୍‌ଏସ୍‌ଟି ପକ୍ଷରୁ ଚଢ଼ଉ କରାଯାଇ ଗାଡି ଭିତରୁ ୬.୨୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଭିନ୍ନ ସ୍ଥାନରୁ ଜବତ କରାଯାଇଛି । ସୋସିଆଲ ମିଡ଼ିଆ ମନିଟରିଂ ସେଲ ଗଠନ କରାଯାଇ ଆପତ୍ତିଜନକ ପୋଷ୍ଟ ହଟାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ କେସ ରୁଜୁ ହୋଇଛି । ଅବାଧ, ମୁକ୍ତ, ନିରପେକ୍ଷ ନିର୍ବାଚନ ପାଇଁ ଓଡିଶା ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।

## ପିଓକେ ବିଦେଶୀ ଅଞ୍ଚଳ...

ପାଇଛି । ଜଷ୍ଟିସ୍ ମୋହସିନ ଅଖତର କୟାନୀ ପୂରା ମାମଲାର ଶୁଣାଣି କରୁଛନ୍ତି । ସୂଚନାଯୋଗ୍ୟ ଯେ, ପିଓକେରେ ବିଗତ କିଛି ମାସ ଧରି ପାକିସ୍ତାନ ବିରୋଧୀ ଆନ୍ଦୋଳନ ଜାରି ରହିଛି । କବି ଫରହାଦ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ପାକିସ୍ତାନ ସେନା ବିରୋଧରେ ମନ୍ତବ୍ୟ ଦେଇଥିଲେ । ଏହା ପରେ ସେ ନିଖୋଜ ଥିଲେ । ପରେ ତାଙ୍କୁ ପିଓକେର ଏକ ଜେଲ୍‌ରେ ଠାବ କରାଯାଇଥିଲା । ଫରହାଦଙ୍କ ପତ୍ନୀ ଉରୋଜ ଜୈନବ ତାଙ୍କ ପ୍ରତ୍ୟାବର୍ତ୍ତନ ଏବଂ ନିଖୋଜ ହେବା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପିଟିସନ୍ ଦାଖଲ କରିଥିଲେ । ଏହି ମାମଲାର ଶୁଣାଣି ବେଳେ ଯେ ମୀର ଏକ ବିଦେଶୀ ଅଞ୍ଚଳ ଯାହାର ନିଜସ୍ୱ ସମ୍ବିଧାନ ଏବଂ ଅଦାଲତ ରହିଛି । ପାକିସ୍ତାନୀ ଅଦାଲତଙ୍କ ରାୟକୁ ପିଓକେରେ ବିଦେଶୀ ଅଦାଲତଙ୍କ ରାୟ ଭାବରେ ବିବେଚନା କରାଯାଏ ।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନିତ...

ବାହାରକୁ ଯିବାକୁ କହିଛନ୍ତି । ହାଲୁକା ସୂତା ବସ୍ତ୍ର ପିନ୍ଧିବା ସହ ଛତା, ଜୋତା, ପାଣି ବୋତଲ, ଓଆରଏସ ସାଙ୍ଗରେ ନେବେ । ବୃଦ୍ଧବୃଦ୍ଧା, ଗର୍ଭବତୀ, ଶିଶୁଙ୍କୁ ବେଶୀ ସତର୍କ ରହିବାକୁ ନିବେଦନ କରାଯାଇଛି । ସେ କହିଛନ୍ତି ସୁନ୍ଦରଗଡ ଓ ଝାରସୁଗୁଡାରୁ ଆସିଥିବା ଅଭିଯୋଗ ଗୁଡିକରେ ଅଧିକାଂଶ ଶ୍ରମିକ ଅଛନ୍ତି । ଯେଉଁମାନେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାର ପ୍ରାରମ୍ଭିକ ସୂଚନା ମିଳିଛି । ଏହାର ତଦନ୍ତ କରିବା ଲାଗି ଗୁରୁବାର ସନ୍ଧ୍ୟାରେ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମଧ ଘଟଣାସ୍ଥଳକୁ ଯାଇଛନ୍ତି । ରିପୋର୍ଟ ଆସିବା ପରେ ଜଣାପଡିବ ମୃତ୍ୟୁର ପ୍ରକୃତ କାରଣ । ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ ଆଦି ଜିଲ୍ଲାକୁ ହିଟ ୱେଭ ନେଇ ବାରମ୍ବାର ଅବଗତ କରାଯାଇଛି । ବର୍ତ୍ତମାନ ପରିସ୍ଥିତିରେ ସ୍କୁଲ, କଲେଜ ବନ୍ଦ ରହିଛି । ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ଅତି ଜରୁରୀ କାର୍ଯ୍ୟକୁ ସକାଳେ ବା ଅପରାହ୍ନରେ କରିହେବ । ଶ୍ରମିକମାନଙ୍କ ଲାଗି ସମାନ ଗାଇଡ଼ଲାଇନ ଶ୍ରମ ବିଭାଗ ପକ୍ଷରୁ ହୋଇଛି । ବସ ଯାତ୍ରୀଙ୍କ ଲାଗି ପରିବହନ ବିଭାଗ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ପୁରୀ ବାଣ ଦୁର୍ଘଟଣାରେ ଆହତମାନଙ୍କୁ ସାକ୍ଷାତ୍ କଲେ କଟକ ମେୟର ସୁବାସ ସିଂହ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ମେୟର ସୁବାସ ସିଂହ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜେ ଓ ହସ୍ପିଟାଲରେ ପୁରୀ ବାଣ ଦୁର୍ଘଟଣା ରୋଗୀଙ୍କୁ ସାକ୍ଷାତ୍ କରି ଚିକିତ୍ସିତ ହୋଉଥିବା ପରିବାର ଓ ରୋଗୀଙ୍କୁ ସାକ୍ଷାତ୍ କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଶୁକ୍ରବାର ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ୭ ଜଣ ରୋଗୀ ଚିକିତ୍ସହିତ ହେଉଛନ୍ତି । ୪ ଜଣ ବର୍ଣ୍ଣ ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ବେଳେ ୩ ଜଣ ସର୍ଜରୀ ୱାର୍ଡରେ ରହି



ଚିକିତ୍ସହିତ ହେଉଛନ୍ତି । ବର୍ଣ୍ଣ ୟୁନିଟ୍‌ରେ ୪ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବର୍ଣ୍ଣ ବିଭାଗର ମୁଖ୍ୟ ପ୍ରଫେସର ବିଭୁତି ନାୟକଙ୍କ ସହିତ ମେୟର ଚିକିତ୍ସିତ ରୋଗୀଙ୍କ ସ୍ଥିତି ଓ ଚିକିତ୍ସାର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ୨ ଜଣଙ୍କ ସ୍ଥିତି ଗମ୍ଭୀର ଥିବା ଜାଣିବାକୁ ପାଇଥିଲେ । ଚିକିତ୍ସା ପାଇଁ ୪ ଜଣିଆ ଟିମ୍ ଗଠିତ ହୋଇ ୨୪ ଘଣ୍ଟିଆ ଅନୁଧ୍ୟାନ କରାଯାଉଛି । ପ୍ରଫେସର ବିଭୁତି ନାୟକଙ୍କ ସମେତ ମେଡ଼ିସିନ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା , ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ବିଶ୍ୱାଳ, ଆନେସ୍ଥେସିଆ ବିଭାଗର ମୁଖ୍ୟ ପ୍ରଫେସର ଦେବ ପ୍ରସାଦ ମହାନ୍ତିଙ୍କୁ ନେଇ ଗଠିତ ଟିମ୍ ଚିକିତ୍ସାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ମେୟର ସୁବାସ ସିଂହଙ୍କ ସହିତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ସକିଲ ଅକତର, ଦୀପ୍ତି ରଞ୍ଜନ ରାୟ, ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୧ ଜୁନ୍
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ଆରମ୍ଭ

**ପୁରୀ, ୩୧/୦୫ ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୧ ଦିନବ୍ୟାପୀ ବାହାର ଚନ୍ଦନ ଯାତ୍ରା ଶେଷ ହୋଇଛି । ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା । ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ମହାପ୍ରଭୁ ବେଶ ମଇଲମ ଓ ଆଲଟଲାଗି ହୋଇ ଚନ୍ଦନ ଘରକୁ ବିଜେ କରିଛନ୍ତି। ବୈଶାଖ ମାସ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଅର୍ଥାତ ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ । ୨୧ ଦିନ ବ୍ୟାପୀ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ପଞ୍ଚପାଣ୍ଡବ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡା କରିବା ପରେ ପରବର୍ତ୍ତୀ ୨୧ ଦିନ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି ।

ଏହା ଦେବସ୍ନାନ ପୂର୍ଣ୍ଣମୀ ପୂର୍ବଦିନ ପର୍ଯ୍ୟନ୍ତ ଚାଲୁ ରହିବ । ଆସନ୍ତା ରବିବାର ଜ୍ୟେଷ୍ଠ କୃଷ୍ଣ ଏକଦଶୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଜଳକ୍ରୀଡ଼ା କରିବେ । ଗୁରୁବାର ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ହଳଦୀପାଣି ନୀତି ସରିବା ପରେ ଶୁକ୍ରବାରଠାରୁ ଶ୍ରୀଜୀଉଙ୍କ ଭିତର ଚନ୍ଦନ ଯାତ୍ରା ଆରମ୍ଭ



ହୋଇଛି । ଏହି ୨୧ ଦିନ ମହାପ୍ରଭୁଙ୍କ ଚନ୍ଦନ ଓ ଆଲଟ ଲାଗି କରାଯିବ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ଭିତର ଚନ୍ଦନ ଯାତ୍ରା ନୀତି କରାଯିବ । ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀମନ୍ଦିର ଭିତରେ ଥିବା ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହେବ । ପତିମହାପାତ୍ର, ମୁଦିରସ୍ତ ଓ ପୂଜାପଣ୍ଡା ସେବକମାନେ ଚନ୍ଦନଲାଗି କରି ମହାପ୍ରଭୁଙ୍କ ଚନ୍ଦନ ବେଶ କରିବେ । ଏହି ଅବସରରେ ଅଳକା, ଚୂଳ, ଚଉସରି, ଗଭା ଆଦି ମହାପ୍ରଭୁଙ୍କ ପାଖରେ ଲାଗି କରାଯିବ ।

# ରଥ ଖଳା ଚଳଚଞ୍ଚଳ :୨୪ ଚକ ନିର୍ମାଣ ଶେଷ

**ପୁରୀ, ୩୧/୦୫ ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବା ବେଳେ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ତିନି ରଥର ୪୨ ଚକରୁ ୨୪ଟି ଚକ ନିର୍ମାଣ ଶେଷ ହୋଇଛି। ଭଉଁରୀ ତିଥିରେ ତିନି ରଥର ଚକ-ଅଖ ସଂଯୋଗ ପୂର୍ବକ ଚକ ଡେରା ନୀତି ସମ୍ପନ୍ନ ହୋଇଥିଲା। ଏଥିସହ ତିନି ରଥର ମୋଟ ୪୨ଟି ଚକ ମଧ୍ୟରୁ ୨୪ଟି ଚକ ନିର୍ମାଣ ଶେଷ ହୋଇଛି । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକମାନେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଚକଗୁଡ଼ିକୁ ଆଣି ବାହାର ରଥ ଖଳାଠାରେ ସାଇତିଛନ୍ତି । ରଥ ଅମିନ ତିନି ରଥର ନିରାଡି ନିର୍ମାଣ ପାଇଁ ପ୍ରତି ଚାଳିକୁ ଚାରୋଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଭୋଇ ସେବକଙ୍କ ସହାୟତାରେ ଯୋଗାଇ ଦେଇଛନ୍ତି। ଏଥିସହ ଅଖ ନିର୍ମାଣ ପାଇଁ ଆଉ ଦୁଇଟି ଲେଖାଏଁ ନାହାକା ଅଖ କାଠ ଯୋଗାଇଥିଲେ । ତିନିରଥର ମହାରଣା ସେବକମାନେ ନିରାଡ଼ି କାଠର ଚଉପଟ କାର୍ଯ୍ୟ କରିବା ସହ ନାହାକ ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ତାଳଧ୍ୱଜ ରଥର ମୋଟ ୧୪ଟି ଚକରୁ ୮ଟି ଚକ ନିର୍ମାଣ ଶେଷ ହୋଇଛି । ଏଥିସହ ନବମ ଏବଂ ଦଶମ ତୁମ୍ବରେ ସିଙ୍ଗଡ଼ା ବାଡିଆ ଶେଷ ହୋଇ ଅଖ ବିନ୍ଧ



ପରେ ଅର କଟାଯାଇ ଅର ସାଲ କାର୍ଯ୍ୟ ଜାରି ରହିଛି । ଏହାଛଡା ତାଳଧ୍ୱଜ ରଥର ଚାରୋଟି ନିରାଡି କାଠର ଚଉପଟ କାର୍ଯ୍ୟ ତାଳଧ୍ୱଜ ମହାରଣା ମାନେ ଜାରି ରଖିଛନ୍ତି। ସେହିପରି ଦର୍ପ ଦଳନ ରଥର ୭ଗୋଟି ଚକର ନିର୍ମାଣ ଶେଷ ହୋଇଛି । ଆଉ ତିନୋଟି ଚକ ନିର୍ମାଣ ପାଇଁ ତୁମ୍ବରେ ଅର ସଂଯୋଗ ବା ସିଙ୍ଗଡ଼ା ବାଡିଆ ଯାନ୍ତାଗାଡଠାରେ ଶେଷ ହେବାପରେ ଅଖ ବିନ୍ଧ ହୋଇ ମାପ ପ୍ରକାରେ ବଳକା ଅର କଟାଯିବା ଶେଷ ହୋଇଛି । ପଇ ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଛିଛି । ଏଥିସହ ଦର୍ପଦଳନ ରଥର ଆଉ ଦୁଇଟି ନାହାକ ଅଖର ଦୁଇ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ସହ ଚାରି ଗୋଟି ନୀରାଡି କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ୧୬ ଗୋଟି ଚକ ମଧ୍ୟରୁ ୯ ଗୋଟି ଚକର ନିର୍ମାଣ ଶେଷ ହୋଇଛି । ଦଶମ ଏବଂ ଏକାଦଶ ଚକର ସିଙ୍ଗଡ଼ା କଟା ପରେ ଅର ସାଲ ସରି ତୁମ୍ବ ବିନ୍ଧର ଠେକ ତୁଲିଆ କାର୍ଯ୍ୟ ଜାରି ରହିଛି । ଆଉ ଦ୍ୱାଦଶ ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ପରେ ତୁମ୍ବରେ ଅଖ ବିନ୍ଧ ହୋଇ ବଳକା ଅର କଟିଙ୍ଗ ପରେ ସାଲ କାର୍ଯ୍ୟ ଜାରି ରହିଛି । ଦଶମ, ଏକାଦଶ ଏବଂ ଦ୍ୱାଦଶ ଚକ ପାଇଁ ପଇ ବିନ୍ଧ କାର୍ଯ୍ୟ ନନ୍ଦିଘୋଷ ରଥ ମହାରଣା ସେବକମାନେ ଜାରି ରଖିଛନ୍ତି । ରଥ ଅମିନ ଯୋଗାଇଥିବା ଚାରିଗୋଟି ନୀରାଡ଼ି କାଠର ଚଉପଟ କାର୍ଯ୍ୟ ସହ ଆଉ ଦୁଇଟି ନାହାକା ଅଖର ଦୁଇ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଚାଲୁ ରହିଛି । ତିନି ରଥର ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ଖୋଦେଇ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ କାର୍ଯ୍ୟ କରୁଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଦେବୀ ରଥର ଓଝା ସେବକମାନେ ଦେବୀ ରଥର ୧୨ ଚକ ପାଇଁ ପନ୍ଦାରି, ବଳା ଏବଂ ଅର କଣ୍ଟା ନିର୍ମାଣ କରିଛନ୍ତି । ବିଶେଷ କରି ଜୋକା କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ସେହିପରି ନନ୍ଦିଘୋଷ ରଥର ଅର କଣ୍ଟା, ପନ୍ଦାରି, ଗୟଳ କଣ୍ଟା ଏବଂ ଜୋକା କଣ୍ଟା ନିର୍ମାଣ କରୁଛନ୍ତି । ସେହିପରି ତାଳ ଧ୍ୱଜ ରଥର ୧୨ଟି ଚକର ଅର କଣ୍ଟା, ପନ୍ଦାରି, ବଳା ଶେଷ କରି, ଯୋଜା କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି ।



ଭୁବନେଶ୍ୱର : ଯୁଗ୍ମ ଶାସନ ସଚିବ ଅବସର ପ୍ରାପ୍ତ ପ୍ରଭାକର ବେହେରାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନୀତ କରୁଛନ୍ତି ପ୍ରଶାନ୍ତ କୁମାର ମେହେର, ଜୟନ୍ତ କୁମାର ମହାନ୍ତି ଏବଂ ସୁଶାନ୍ତ କୁମାର ଜେନା । (ଫଟୋ : ସମ୍ବାଦ କଳିକା)

# ମହାପ୍ରଭୁଙ୍କୁ ଦର୍ଶନ କଲେ ପାଣ୍ଡିଆନ : ବାଣ ବିସ୍ଫୋରଣ ଆହତଙ୍କୁ ଭେଟିଲେ

**ପୁରୀ, ୩୧/୦୫ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ବିଜେଡି ନେତା ଭି.କେ. ପାଣ୍ଡିଆନ । ଗୁରୁବାର ସନ୍ଧ୍ୟାରେ ଫାଇଭ ଟି ସଚିବ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିଥିଲେ । ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର ଏବଂ ରାଜ୍ୟସଭା ସାଂସଦ ପାଣ୍ଡିଆନଙ୍କୁ ଖଣ୍ଡୁଆ ପାଟ ଦେଇ ସ୍ୱାଗତ କରିଥିଲେ । ମହାପ୍ରଭୁଙ୍କୁ ଦର୍ଶନ କରି ସାରିବା ପରେ ପାଣ୍ଡିଆନ ପୁରୀ ହସ୍ପିଟାଲକୁ ଯାଇଥିଲେ।



ବୁଧବାର ରାତିରେ ଉଉଁରୀ ଯାତ୍ରା ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପାଣ୍ଡିଆନ୍ ପଚାରି ବୁଝିଥିଲେ। ଆହତ ବ୍ୟକ୍ତିମାନଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ସମସ୍ତଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଆହତମାନଙ୍କ ଚିକିତ୍ସା ପାଇଁ ସବୁ ସୁବିଧା ଯୋଗାଇଦିଆଯିବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ । ପାଣ୍ଡିଆନଙ୍କ ସହ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ।


ରବିବାସରୀୟ କଳିକା

ଓଡ଼ିଶାର ତୃତୀୟ ସିନେମା ହଲ୍

# ବାଲୁକା ଚିତ୍ରକଳାରେ ତମାଖୁ ସେବନ ଭୟାବହତା ନେଇ ସଚେତନତା ବାର୍ତ୍ତା




**ପୁରୀ, ୩୧/୦୫ ନ୍ୟୁଜ ବ୍ୟୁରୋ**

ବାଲୁକା ଚିତ୍ରକଳାରେ ତମାଖୁ ସେବନ ଭୟାବହତା ନେଇ ସଚେତନତା ବାର୍ତ୍ତା ଦିଆଯାଇଛି। ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ । ଏହି ଅବସରରେ ବାଲୁକା ଚିତ୍ରକଳା ମାଧ୍ୟମରେ ଏକ ସୁନ୍ଦର ବାଲୁକା କଳାକୃତି କରି ସଚେତନତାର ବାର୍ତ୍ତା ଦେଇଛନ୍ତି ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ସୁଦର୍ଶନଙ୍କ ଦ୍ୱାରା ନିର୍ମିତ ବାଲୁକାକଳାରେ ତମାଖୁ ସେବନ ଦ୍ୱାରା ମଣିଷ ଶରୀର ଉପରେ କିଭଳି ଏହାର କୁପ୍ରଭାବ ପଡିଥାଏ ତାହା ଦର୍ଶାଇଛନ୍ତି। ତମାଖୁ ସେବନ ଦ୍ୱାରା କ୍ୟାନସର ଭଳି ମାରାତ୍ମକ ରୋଗ ହୋଇଥାଏ ଓ ଶରୀର ଉପରେ ଏହାର କୁପ୍ରଭାବ ପଡିଥାଏ । ସୁଦର୍ଶନ ତାଙ୍କ ବାଲୁକା ଚିତ୍ର କଳା ମାଧ୍ୟମରେ ଏହାର ଭୟାବହତା ଦର୍ଶାଇବା ସହ "ସେ ନୋ ଟୁ ଟବାକୋ"ର ସଚେତନତା ବାର୍ତ୍ତା ଦେଇଛନ୍ତି । ସୁଦର୍ଶନଙ୍କ ଦ୍ୱାରା ନିର୍ମିତ ଏହି ବାଲୁକାକଳାକୁ ଦେଖିବା ପାଇଁ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ପ୍ରଶାନ୍ତ ଜଗଦେବଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର : ଆଇନଜୀବୀଙ୍କୁ ଦିଆଯିବ ଷ୍ଟାଟସ ରିପୋର୍ଟ

**କଟକ, ୩୧/୦୫ ନ୍ୟୁଜ ବ୍ୟୁରୋ**

ସୁଧୁରୁଛି ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ସ୍ୱାସ୍ଥ୍ୟାବସ୍ଥା । ବର୍ତ୍ତମାନ ପୂର୍ବ ଅପେକ୍ଷା ସୁସ୍ଥ ହୋଇ ଆସିଲେଣି ଶ୍ରୀ ଜଗଦେବ । ତେବେ ଏସସିବି ମେଡିକାଲ କର୍ତ୍ତୃପକ୍ଷ ପ୍ରଶାନ୍ତ ଜଗଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏକ ଷ୍ଟାଟସ ରିପୋର୍ଟ ଦାଖଲ କରିବେ । ପ୍ରଶାନ୍ତଙ୍କ ଚିକିତ୍ସା ନେଇ ମେଡିକାଲରେ ଡାକ୍ତରୀ ଟିମ୍ ଗଠନ କରାଯାଇଥିବା ଟିମ୍‌ର ନେତୃତ୍ୱରେ ଥିବା ପ୍ରଫେସର ଡ଼ା. ଜୟନ୍ତ ପଣ୍ଡା ଏହି ଷ୍ଟାଟସ ରିପୋର୍ଟ ତିଆରି କରିବେ ଓ ତାଙ୍କ ଆଇନଜୀବୀଙ୍କୁ ପ୍ରଦାନ କରିବେ । ରିପୋର୍ଟରେ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ କ'ଣ ରହିଛି ଏବଂ କ'ଣ ସ୍ୱାସ୍ଥ୍ୟ ସମସ୍ୟା ରହିଛି ତାହା ଉଲ୍ଲେଖ କରାଯିବା ନେଇ ଏସସିବି ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ଼ା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି । ଏବେ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି କହିଛନ୍ତି ଏସସିବି ଅଧିକ୍ଷକ । ପୂର୍ବରୁ ପ୍ରଶାନ୍ତଙ୍କ ଶରୀରରେ ମଧୁମେହ ପରିମାଣ ଅଧିକା ହୋଇଥିବାରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ଗତ ବୁଧବାର ଏସସିବି ନିୟୁ ମେଡ଼ିସିନ ବିଭାଗ ଆଇସିୟୁରେ ତାଙ୍କୁ ଭର୍ତ୍ତି କରାଯାଇ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ଏସସିବିରେ ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍‌ରେ ମେଡ଼ିସିନ ବିଭାଗ, ହୃଦ୍‌ରୋଗ ବିଭାଗ, ଏଣ୍ଡୋକ୍ରାଇନ ବିଭାଗର




ବିଭାଗୀୟ ମୁଖ୍ୟ ଓ ଅନ୍ୟାନ୍ୟ ଡାକ୍ତରଙ୍କୁ ନିୟୋଜିତ କରାଯାଇଥିଲା । ସୂଚନା ଥାଉ କି, ଗତ ୨୫ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ପ୍ରଶାନ୍ତ ଜଗଦେବ ବୋଲଗଡ ବ୍ଲକ କାଉଁରୀପାଟଣା ବୁଥରେ ଭୋଟ୍ ଦେବାକୁ ଯାଇଥିବା ବେଳେ ଇଭିଏମ ଭଙ୍ଗାରୁଜା କରିବା ନେଇ ଅଭିଯୋଗ ହୋଇଥିଲା । ସେହିଦିନ ତାଙ୍କୁ ଗିରଫ କରାଯାଇ ବିଳମ୍ବିତ ରାତିରୁ ଖୋର୍ଦ୍ଧା ସବ୍ ଜେଲ୍‌କୁ ପଠାଯାଇଥିଲା । ଗତ ବୁଧବାର ଭୋର ପ୍ରାୟ ୪ଟା ସମୟରେ ଜଗଦେବ ଅସୁସ୍ଥ ଅନୁଭବ କରିଥିଲେ । ଏହାପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜେଲ୍‌ରୁ କଟକ ଏସସିବି ମେଡିକାଲକୁ ନିଆଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମାଷ୍ଟରକ୍ୟାଣ୍ଟିନ୍‌ରୁ ବହି କିଣିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୧.୦୫ ନ୍ୟୁଜ୍‌ବ୍ୟୁରୋ**

ଶେଷ ପର୍ଯ୍ୟାୟରେ ନିର୍ବାଚନ ପ୍ରକ୍ରିୟା। ଶେଷ ହୋଇଛି ନିର୍ବାଚନ ପ୍ରଚାର। ଏବେ ଅବସର ସମୟରେ ବହି ପଢିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ନିଜେ ଦୁଇଟି ବହି କିଣିଛନ୍ତି ମୁଖ୍ୟମନ୍ତ୍ରୀ। ଶୁକ୍ରବାର ସନ୍ଧ୍ୟାରେ ମାଷ୍ଟର କ୍ୟାଣ୍ଟିନସ୍ଥିତ ମଡର୍ଣ୍ଣ ବୁକ୍ ଡିପୋକୁ ଯାଇ ସେଠାରୁ ୨ଟି ବହି କିଣିଛନ୍ତି ନବୀନ। ଏହି ୨ଟି ବହି ମଧ୍ୟରେ ରହିଛି ସିକ୍ରେଟ୍ସ୍ ଅଫ୍ ଶିମିଳିପାଳ ଓ ଆରିୟାନସ୍। ବହି ବାବଦକୁ ୨୫୦୦ ଟଙ୍କା ଦେଇଥିଲେ ମୁଖ୍ୟମନ୍ତ୍ରୀ। ବହି କିଣିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନୀ ପ୍ରଚାର ଶେଷ ହେବା ପରେ ରିଲାକ୍ସ ହେବା ପାଇଁ ବହି ଦୋକାନ ଆସିଥିଲି ଓ ୨ଟି ବହି କିଣିଲି।





ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-55 • 22nd-28th May 2024 • Bhubaneswar

ଭୂତଳ ବଜାରର ଶୋଚନୀୟ ସ୍ଥିତି

ମାରାତ୍ମକ ରୋଗ ଆଣୁଛି ମିଠା ଜହର

# ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ନେଇ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୩୧/୦୫ ନ୍ୟୁଜ ବ୍ୟୁରୋ**

ପ୍ରଚଣ୍ଡ ତାତି ସାଙ୍ଗକୁ ଅସହ୍ୟ ଗରମ ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି । ଅସହ୍ୟ ତାତିରେ ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହେବା ସହ ଅଂଶୁଘାତଜନୀତ ମୃତ୍ୟୁ ମଧ୍ୟ ବୃଦ୍ଧି ପାଉଛି । ସମଗ୍ର ରାଜ୍ୟରେ ଅତ୍ୟଧିକ ଉତ୍ତାପ ଏବଂ ଆର୍ଦ୍ର ଅବସ୍ଥା ଲାଗି ରହିଛି । ଯାହାକୁ ନେଇ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ମେଡିକାଲ୍ କଲେଜର ନିର୍ଦ୍ଦେଶକ, କ୍ୟାପିଟାଲ୍ ହସ୍ପିଟାଲ୍, ଆରଜିଏଚ୍ ରାଉରକେଲା ଅଧୀକ୍ଷକ ଏବଂ ସମସ୍ତ ସିଡିଏମଓମାନଙ୍କୁ ଏକ ନିର୍ଦ୍ଦେଶାବଳୀ ଜାରି କରି ଏହାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଗୁଡିକ ହେଉଛି : 'ଉତ୍ତାପ ସମ୍ବନ୍ଧୀୟ ରୋଗ ଉପରେ ଜାତୀୟ କାର୍ଯ୍ୟ ଯୋଜନା' ଏବଂ ଉତ୍ତାପ ସମ୍ବନ୍ଧୀୟ ରୋଗ ଉପରେ ରାଜ୍ୟ ଆକ୍ସନ୍ ପ୍ଲାନ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ପାଇଁ ଏହି ନିର୍ଦ୍ଦେଶନାମାକୁ ସମସ୍ତ ଉପଜିଲ୍ଲାସ୍ତରରେ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି । ଖରା ତାତିର ପ୍ରଭାବ, ମାମଲା ପରିଚାଳନା, ରେକର୍ଡ ରକ୍ଷଣାବେକ୍ଷଣ ଏବଂ ତଦାରଖ ଇତ୍ୟାଦି ବିରୁଦ୍ଧରେ ସ୍ୱାସ୍ଥ୍ୟ ସୁବିଧା, ରୋଗ ଏବଂ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ତୁରନ୍ତ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ । ସନ୍ଦେହଜନକ ଭାବରେ ତାତିର ଅସୁସ୍ଥତା ମୃତ୍ୟୁ ପାଇଁ ମେଡିକାଲ ଅଫିସରଙ୍କ ଦ୍ୱାରା ତାତି ସମ୍ବନ୍ଧୀୟ ମୃତ୍ୟୁର ଅନୁସନ୍ଧାନ କରିବେ । ଉତ୍ତାପ ସମ୍ବନ୍ଧୀୟ ମୃତ୍ୟୁ ସ୍ଥାନୀୟ ମେଡିକାଲ୍ ଅଫିସର ତଥା ରାଜସ୍ୱ ଅଧିକାରୀଙ୍କ ମିଳିତ ଭାବରେ ଏସଆରସିଙ୍କ ଗାଇଡଲାଇନ ଅନୁସାରେ ପୋଷ୍ଟ ମର୍ଟମ କରାଯାଇ ଅନୁସନ୍ଧାନ କରାଯିବ । ମୃତ୍ୟୁ ସମ୍ବନ୍ଧୀୟ ସୂଚନା ତୁରନ୍ତ ବିଭାଗରେ ଦାଖଲ କରାଯିବ । ନିଶ୍ଚିତ ହୋଇଥିବା ମୃତ୍ୟୁକୁ ଜିଲ୍ଲାପାଳ କିମ୍ବା ଏସଆଇସି ସୂଚିତ କରିବେ । ମେଡିକାଲ୍ ଅଫିସର, ସ୍ୱାସ୍ଥ୍ୟ କର୍ମଚାରୀ, ତୃଣମୂଳ ସ୍ତରର ଶ୍ରମିକମାନଙ୍କର ରୋଗ, ଏହାର ପ୍ରାରମ୍ଭିକ ପ୍ରତିକାର ଏବଂ ପରିଚାଳନା ପାଇଁ ସମ୍ବେଦନଶୀଳତା ସମେତ ଦକ୍ଷତା ବୃଦ୍ଧି ପାଇଁ ପ୍ରୟାସ କରାଯିବା ଉଚିତ । ସମସ୍ତ ସ୍ୱାସ୍ଥ୍ୟସେବାରେ ବ୍ୟାପକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସମସ୍ତ ସୁବିଧା ଯୋଗାଇବା ଆବଶ୍ୟକ । ହସ୍ପିଟାଲରେ ଖରା ପାଇଁ ନିର୍ଦ୍ଦିଷ୍ଟ ଶଯ୍ୟା, ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ଔଷଧ, ତରଳ ପଦାର୍ଥ, ବରଫ ପ୍ୟାକ୍, ଓଆରଏସ୍ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହିତ ସକ୍ରିୟ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବା ପାଇଁ ହସ୍ପିଟାଲ ପ୍ରସ୍ତୁତ ରହିବା ଆବଶ୍ୟକ। ଅଂଶୁଘାତ ରୁମ୍‌ର ସଠିକ ଭାବରେ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଏହା ସହ ଜଟିଳ ସମୟରେ ଶୀତଳ ଉପକରଣର କାର୍ଯ୍ୟକାରିତା ସଠିକ ଭାବରେ କାର୍ଯ୍ୟକାରୀ ହେଉଥିବା ଆବଶ୍ୟକ ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରଙ୍ଗ୍‌ରୁଟ୍ ଡ୍ରାଇଭିଂ ନେଇଛି ୪୦୨ ଜୀବନ

**ଭୁବନେଶ୍ୱର,୩୧।୫ ନ୍ୟୁଜ ବ୍ୟୁରୋ**

ଦୁର୍ଘଟଣା ରୋକିବା ସହ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ସହ ବ୍ୟାପକ ପଦକ୍ଷେପ ନିଆଯାଉଛି। ଗାଡି ଚାଳକଙ୍କୁ ହେଲମେଟ ପିନ୍ଧିବା, ମୋଟର ସାଇକେଲରେ ୨ଜଣରୁ ଅଧିକ ନ ବସିବା, ଗାଡି ଚଳାଇବାବେଳେ ଫୋନ ବ୍ୟବହାର ନ କରିବା, ରଙ୍ଗ୍‌ରୁଟ୍‌ରେ ନ ଯିବା, ମଦ ପିଇ ଗାଡି ନ ଚଳେଇବା ଭଳି ଟ୍ରାଫିକ ନିୟମ ପାଳନ କରିବାକୁ ସତର୍କ କରାଯାଉଛି। ଏପରିକି ପୋଲିସ ଓ ଆରଟିଓ ପକ୍ଷରୁ ଜରିମାନା ମଧ୍ୟ ଆଦାୟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାପରେ ବି ଅମାନିଆ ଗାଡି ଚାଳକ ନିୟମ ଉଲ୍ଲଂଘନ କରି ଗାଡି ଚଳାଉଥିବାରୁ ଦୁର୍ଘଟଣା ଘଟି ଅକାଳରେ ଅନେକ ଜୀବନ ଚାଲିଯାଉଛି। ବିଶେଷକରି ରଙ୍ଗ୍ ରୁଟ୍‌ରେ ଗାଡି ଚାଳନା ଯୋଗୁ ମୁହାଁମୁହିଁ ଦୁର୍ଘଟଣା ବଢ଼ିବା ସହ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ୨୦୨୩ରେ ରଙ୍ଗ୍‌ରୁଟ୍ ଡ୍ରାଇଭିଂ ଯୋଗୁ ରାଜ୍ୟରେ ୯୮୬ ଦୁର୍ଘଟଣା ଘଟିଛି। ଏଥିରେ ୪୦୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୫୮ଜଣ ଗୁରୁତର ଆହତ ହୋଇଛନ୍ତି। ସେହିପରି ମଦ ପିଇ ଗାଡି ଚଳାଇବା କେବଳ ଦଣ୍ଡନୀୟ ଅପରାଧ ନୁହେଁ, ମୃତ୍ୟୁକୁ ହାତଠାରି ଡାକିବା ସହ ସମାନ। ଏଭଳି ବେଆଇନ କାମ ବିରୋଧରେ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ତଥାପି କିଛି ଅମାନିଆ ମଦ ପିଇ ଗାଡି ଚଳାଇବାରୁ ରାଜ୍ୟରେ ୬୪୯ ଦୁର୍ଘଟଣା ଘଟିଛି। ଏଥିରେ ୨୫୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦୭ ଜଣ ଗୁରୁତର ଆହତ ହୋଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



### ପ୍ରକାଶ ପାଇବା ଅପେକ୍ଷାରେ...
### 'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)